ISSN 2349-1779

# ଶିଶୁ ସମ୍ପଦ

# Sishu Sampad

5th Issue, 12th June, 2016

ଶିକ୍ଷା ହିଁ ସେମାନଙ୍କ ଜନ୍ମଗତ ଅଧିକାର
ଶିଶୁ ଶ୍ରମିକଙ୍କୁ ସେଥିରୁ ବଞ୍ଚିତ ନ କର।





ରାଜ୍ୟ ଶ୍ରମ ସଂସ୍ଥାନ, ଭୁବନେଶ୍ୱର, ଓଡ଼ିଶା

STATE LABOUR INSTITUTE, BHUBANESWAR, ODISHA

On the occasion of World Day against Child Labour

# ଶିଶୁ ସମ୍ପଦ

**ରାଜ୍ୟ ଶ୍ରମ ସଂସ୍ଥାନ, ଭୁବନେଶ୍ୱର**

ପଞ୍ଚମ ବର୍ଷ - ୨୦୧୬-୧୭



**ମୁଖ୍ୟ ଉପଦେଷ୍ଟା :**

**ଶ୍ରୀ ଜି. ଶ୍ରୀନିବାସ,** ଆଇ.ଏ.ଏସ୍.
ପ୍ରମୁଖ ସଚିବ, ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଓ
ଉପାଧ୍ୟକ୍ଷ, ରାଜ୍ୟ ଶ୍ରମ ସଂସ୍ଥାନ, ଭୁବନେଶ୍ୱର

**ମୁଖ୍ୟ ସଂପାଦକ :**

**ସୁଧାକର ବୁର୍ଗୀ,** ଓ.ଏ.ଏସ୍.
ନିର୍ଦ୍ଦେଶକ, ରାଜ୍ୟ ଶ୍ରମ ସଂସ୍ଥାନ

**ସଂପାଦନା ମଣ୍ଡଳୀ :**

ସୌରୀବନ୍ଧୁ କର

କୃଷ୍ଣଚନ୍ଦ୍ର ପାତ୍ର

ଡକ୍ଟର ସନ୍ତୋଷ ତ୍ରିପାଠୀ

ଡକ୍ଟର ଡି. ଭି. ଗିରି

କିଶଳୟ ଶତପଥୀ

ଭେଙ୍କଟେଶ୍ୱର ପଟ୍ଟନାୟକ

ସୁଶାନ୍ତ ଦାଶ

**ମୁଦ୍ରଣ :**

**ପ୍ରେସ୍ ସନ୍‌ସାଇନ୍,**
ଶହୀଦନଗର, ଭୁବନେଶ୍ୱର


## ସଂପାଦକୀୟ



## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

୨୦୦୨ ମସିହାରୁ ଆନ୍ତର୍ଜାତିକ ଶ୍ରମିକ ସଂସ୍ଥା (ଆଇଏଲଓ) ଆହ୍ୱାନରେ ପ୍ରତ୍ୟେକ ବର୍ଷ ୧୨ ଜୁନ୍‌କୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଭାବେ ପାଳନ କରାଯାଉଛି। ଆନ୍ତର୍ଜାତିକ ଶ୍ରମିକ ସଂସ୍ଥା (ଆଇଏଲଓ) ଏହି ତାରିଖଟିକୁ ସ୍ଥିର କରିବାର କାରଣ ହେଲା ପ୍ରତ୍ୟେକ ରାଷ୍ଟ୍ର ଅନ୍ତତଃ ପକ୍ଷେ ଏହି ଦିବସଟିକୁ ପାଳନ କରି ଶିଶୁ ଶ୍ରମିକ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ ହେବା ଆବଶ୍ୟକ ଏବଂ ଏଥିପାଇଁ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହେବେ।

ଶିଶୁ ଶ୍ରମିକ ହେଉଛି ଅତ୍ୟନ୍ତ ଜଟିଳ ସମସ୍ୟା। ଏହାର ସମାଧାନ ବ୍ୟାପକ ସ୍ତରରେ ହେବାପାଇଁ ନୈତିକ ସ୍ତରରେ ଆଘାତ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ପ୍ରତିବଦ୍ଧତା, ଗୌଷ୍ଠିଗତ ଏକନିଷ୍ଠତା ସହିତ ଜାତୀୟ କାର୍ଯ୍ୟକ୍ରମ କରାଯିବା ଦରକାର।

ଏହି ଦିବସଟି ହେଉଛି ପିଲାମାନଙ୍କୁ ମନେ ପକାଇବା ଏବଂ ଯେଉଁମାନେ ବିଶ୍ୱରୁ ଶିଶୁ ଶ୍ରମିକ ମୁକ୍ତ ପାଇଁ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ସ୍ମାରକୀ ପାଳନ କରିବା।

ଏହା ହେଉଛି ସେଇ ଦିବସ ଯେଉଁ ଦିନ ନିଯୁକ୍ତିଦାତା, ସରକାର, ଶ୍ରମିକ ସଙ୍ଗଠନ ଓ ବେସାମରିକ ସମାଜ ସେମାନଙ୍କର ସଙ୍କଳ୍ପକୁ ଦୋହରାଇବେ ଓ ସେମାନେ ବିଶ୍ୱରେ ଏହି ବାସ୍ତବତାକୁ ରୂପ ଦେବେ। ଏହା ଦ୍ୱାରା ପିତାମାତା କାର୍ଯ୍ୟ କରିବେ ଏବଂ ପିଲାମାନେ ବିଦ୍ୟାଳୟକୁ ପଢ଼ିବାକୁ ଯିବେ।

୨୦୦୨ ମସିହାରୁ ଏହି ସଂକଳ୍ପ ନେଇ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅଦ୍ୟାବଧି ପାଳନ ହେବାରେ ଲାଗିଛି। ପ୍ରତ୍ୟେକ ବର୍ଷ ଶିଶୁ ଶ୍ରମିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଲୋପ କରିବା ପାଇଁ ନୂତନ ନୂତନ ସ୍ଲୋଗାନ୍ ଦିଆଯାଉଛି। ଏ ବର୍ଷର ସ୍ଲୋଗାନ୍ ହେଉଛି ''ଏଣ୍ଡ ଚାଇଲଡ ଲେବର ଇନ୍ ସପ୍ଲାଇ ଚେନସ୍-ଇଟ୍‌ସ ଏଭ୍ରିଓ୍ୱାନସ୍ ବିଜିନେସ୍'' ଅର୍ଥାତ୍ ''ଶିଶୁ ଶ୍ରମିକକୁ ଯୋଗାଣ କଡ଼ିରୁ ସମାପ୍ତ କର – ଏହା ସମସ୍ତଙ୍କର କର୍ତ୍ତବ୍ୟ।''

ଓଡ଼ିଶାରେ ଶିଶୁ ଶ୍ରମିକ ଲୋପ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ବିଭିନ୍ନ ଜିଲ୍ଲାମାନଙ୍କରେ ଏହାର ଗଣନା ମଧ୍ୟ କରାଯାଉଛି, ଏ ଦିଗରେ ସମସ୍ତଙ୍କର ସହାୟତା ଲୋଡ଼ିବା ହେଉଛି ଆଜି ଦିନର ଆହ୍ୱାନ।

ଏହି ପତ୍ରିକାଟିକୁ ତ୍ରୁଟିରହିତ କରିବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରାଯାଇଛି। ତାହା ସତ୍ତ୍ୱେ ଯଦି କୌଣସି ତ୍ରୁଟି ରହି ଯାଇଥାଏ ତାହା ଅନିଚ୍ଛାକୃତ।

(ସୁଧାକର ବୁର୍ଗୀ)

**Dr. S. C. JAMIR**
**Governor, Odisha**

सत्यमेव जयते

RAJBHAVAN
BHUBANESWAR-751008

**June 10, 2016**



# MESSAGE

I am glad to know that the State Labour Institute, Bhubaneswar is bringing out the 5th issue of annual bulletin "Sishu Sampad" on the occasion of World Day Against Child Labour on June 12, 2016.

Child Labour is a big social problem. It is quite disappointing that the practice of engaging children in unorganized sector and hazardous work continues inspite of legislation. Depriving children from fun and joy of childhood and education is inflicting a serious damage to their future. World Day Against Child Labour gives an opportunity to join hands and create awareness to stop undesired practice of child labour. The annual bulletin "Sishu Sampad" is a laudable endeavour to sensitise and protect a child's development

I wish the publication all success.

(S.C. Jamir)

**NAVEEN PATNAIK**
**CHIEF MINISTER, ODISHA**

सत्यमेव जयते

**STATE SECRETARIAT**
**BHUBANESWAR**
**319 - 07.06.2016**



# MESSAGE

I am glad to know that the State Labour Institute, Bhubaneswar is bringing out the 5th issue of its annual bulletin 'Sishu Sampad' on 12th June 2016 on the occasion of World Day Against Child Labour.

Child Labour is a grave social malady which needs to be wiped out. It is both a legal and moral crime. Strict adherence to law, sensitisation and awareness can stop it absolutely. I hope the bulletin will be a very useful journal with significant enlightenment on the issue.

I wish the publication all success.

**( NAVEEN PATNAIK)**



**SHRI PRAFULLA KUMAR MALLIK**
MINISTER OF STATE (IND. CHARGE)
Steel & Mines, Labour &
Employees' State Insurance
Odisha

Phone { Office : (0674) 2536860
EPABX : 2177
Res. : (0674) 2532237

*D.O. No. ................/MOSSM&LESI*
BHUBANESWAR
*Date :* 8. 6. 2016

# MESSAGE

I am delighted to know that State Labour Institute, Bhubaneswar is publishing the 5th edition of "Sishu Sampad" the annual magazine of the Institute on the occasion of World Child Labour Day on 12th June - 2016.

There are number of programmes and projects being undertaken by Govt./Non Govt. organisation for the welfare of children world over. Still there is a need of many more activities to address the issues related to child labour. Our constitution has good numbers of provisions for this section. It needs a strong will power to implement those provisions to bring about changes in order to ensure them their constitutional rights. I hope this publication will helpful to make everyone aware through good articles.

I wish the publication of annual magazine of "Sishu Sampad" all success.

(Prafulla Kumar Mallik)

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ଦୁର୍ଗାଦାସଙ୍କ ନୂଆ ଉପନ୍ୟାସ - ଲାଲମହଲ | ସୌରୀବନ୍ଧୁ କର | ୧ |
| ୨. | ଅଭିଶପ୍ତ ଶୈଶବ | ଛନ୍ଦା ମିଶ୍ର | ୪ |
| ୩. | ଅଣଉଦିଆ ତାରା | ଅଜୟ ମହାନ୍ତି | ୭ |
| ୪. | ଶିଶୁ ଶ୍ରମିକ ପ୍ରଥା | ଯୋଗେନ୍ଦ୍ର କୁମାର ନାୟକ | ୮ |
| ୫. | ଶିଶୁ ଶ୍ରମିକ | ଭାରତୀ ଭୂଷଣ ପଟ୍ଟନାୟକ | ୧୧ |
| ୬. | ପୋଷାକ | ସୁନୀତି ମୁଣ୍ଡ | ୧୩ |
| ୭. | ଶିଶୁ ଶ୍ରମିକ | କିଶଳୟ ଶତପଥି | ୧୬ |
| ୮. | ପିଲାବେଳ | ଖଗେଶ୍ୱର ମହତାବ | ୧୭ |
| ୯. | ଦୁଃଖ ଦୂର ହେଉ | ନରହରି ମିଶ୍ର | ୧୮ |
| ୧୦. | ଶିଶୁ ଶ୍ରମିକ | ଅଖିଳ କୁମାର ମିଶ୍ର | ୧୮ |
| ୧୧. | ଅମୃତ ସନ୍ତାନ | ଦିଲୀପ କୁମାର ଚୌଧୁରୀ | ୧୯ |
| ୧୨. | ଜରି ଗୋଟାଳି ଝିଅ | ପ୍ରଭାକର ମହାପାତ୍ର | ୨୦ |
| ୧୩. | ଶିଶୁ ହସିଲେ ଆମେ ହସିବା | ଦିଲ୍ଲୀପ କୁମାର ବେହୁରା | ୨୧ |
| ୧୪. | ଛୋଟୁ | ଦେବବ୍ରତ ମହାପାତ୍ର | ୨୨ |
| ୧୫. | A Need to Check Sexual Abuse of Child Labour | Susanta Dash | ୨୩ |
| ୧୬. | Delhi High Court Judgment At A Glance | ... | ୨୬ |




# ଦୁର୍ଗାଦାସଙ୍କ ନୂଆ ଉପନ୍ୟାସ-ଲାଲମହଲ

ସୌରୀବଂଧୁ କର

ଦୁର୍ଗାଦାସ ଏକ ନୂଆ ଉପନ୍ୟାସ ଲେଖିବାକୁ ମନସ୍ଥ କଲେ। ଅଦ୍ଭୁତ ଖିଆଲି ମଣିଷ ଦୁର୍ଗାଦାସ। ବୟସ ପ୍ରାୟ ୭୦ ପାଖାପାଖି କିନ୍ତୁ ତାଙ୍କୁ ଦେଖିଲେ କେହି କହି ପାରିବ ନାହିଁ ତାଙ୍କର ବୟସ। ମୁଣ୍ଡ ବାଳ ସମ୍ପୁର୍ଣ୍ଣ କଳା, ଦାନ୍ତ ଧୋବ ଫରପର। ଦୁର୍ଗାଦାସ ଏକ ଭିନ୍ନ କିସମର ମଣିଷ। ବଡି ଭୋରୁ ଉଠି ଦଶ କି.ମି. ଚାଲିବା ତାଙ୍କର ପ୍ରତିଦିନର ଅଭ୍ୟାସ। ଭୋରୁ ଭୋରୁ ଚାଲିଲା ବେଳେ ବାଟରେ ବୁଲୁଥିବା ଷଣ୍ଢ, ଦୌଡୁଥିବା କୁକୁରମାନେ ତାଙ୍କୁ ରାସ୍ତା ଛାଡିଦିଅନ୍ତି। ରାସ୍ତାରେ ଘଟୁଥିବା ଘଟଣାମାନଙ୍କୁ ସେ ଏପରି ମାନେ ରଖନ୍ତି ଯେ, ତାହା ତାଙ୍କ ଉପନ୍ୟାସର କଥାବସ୍ତୁ ପାଲଟିଯାଏ। ତାଙ୍କ ଚରିତ୍ରମାନେ ରାସ୍ତାକଡରୁ ହିଁ ଗୋଟେଇ ହୋଇ ଆସିଥାନ୍ତି, ଏବଂ ସେମାନେ ନିଜନିଜର ଜୀବନର କଥାକୁ କହିଦେଇଥାନ୍ତି ଅତି ସାଧାରଣ ଭାବରେ। ତାଙ୍କ ଉପନ୍ୟାସର କାଟତି ବେଶି। ଦୋକାନରେ ପାନବିକ୍ରି କରୁଥିବା ପାନବାଲା ବି ପଢେ ତାଙ୍କ ଉପନ୍ୟାସକୁ। ଖାଲି ପଢେନି ବରଂ ପାନ ଭାଙ୍ଗୁ ଭାଙ୍ଗୁ କହିବ ଗରାଖ ମାନଙ୍କୁ ସେହି ଚରିତ୍ରମାନଙ୍କର ଡାଇଲଗ୍। ରିକ୍ସାବାଲା, ଅଟୋବାଲା, ଚା ଦୋକାନୀ, ତେଜରାତି ଦୋକାନୀ, ମିଠା ଦୋକାନୀ, ଇତ୍ୟାଦି ଇତ୍ୟାଦି ଲୋକମାନଙ୍କ ନିକଟରେ ତାଙ୍କର ଚର୍ଚ୍ଚା। ତାଙ୍କ ଉପନ୍ୟାସର ଚରିତ୍ରମାନେ ଯେମିତି ସବୁଠି, ସବୁ ଜାଗାରେ, ସବୁ ସମୟରେ। କେହି ଦୁର୍ଗାଦାସଙ୍କୁ କିନ୍ତୁ ଚିହ୍ନନ୍ତିନି। ସେ କେବେ ବି କାହାକୁ ଚିହ୍ନା ଦିଅନ୍ତିନି କିମ୍ବା ନିଜର ବାହାଦୁରି ଦେଖାଇ କହି ବୁଲନ୍ତି ନାହିଁ ଯେ ସେ ଦୁର୍ଗାଦାସ – ଏଇ ଉପନ୍ୟାସ ସବୁ ଲେଖିଛନ୍ତି।

ଆମେ ଦୁର୍ଗାଦାସଙ୍କ ସମ୍ପର୍କରେ, ତାଙ୍କ ଉପନ୍ୟାସର ଚରିତ୍ରମାନଙ୍କ ସମ୍ପର୍କରେ ଗୁଡେ ଟିକ୍କାଟିପ୍ପଣି କଲେଣି। ଅବଶ୍ୟ ଆମେ ନ କରିଥିଲେ ଅନ୍ୟ କେହି କରନ୍ତେ। ଲୋକମାନେ ଚାକରମାନଙ୍କ ସମ୍ପର୍କରେ, ଡ୍ରାଇଭର ସମ୍ପକରେ, କୁଲି ଓ ମଜୁରିଆଙ୍କ ସମ୍ପର୍କରେ ବେଶି କହନ୍ତି। କିଏ କାମ ଚୋର, କିଏ ଠକୁଛି, କିଏ ଆସୁନି ଇତ୍ୟାଦି। ବଡ଼ ଲୋକଙ୍କ ବିଷୟରେ କାହାରି ତୁଣ୍ଡରୁ ପଦଟିଏ ବାହାରେ ନାହିଁ। ଦୁର୍ଗାଦାସ କିନ୍ତୁ ନିଆରା। ସେ ଧନୀ ଲୋକଟିକୁ ଏକ ଡାଇନିଂଟେବୁଲରେ ଗରିବ ଲୋକ ସାଙ୍ଗରେ ବସାଇଦିଅନ୍ତି। ଡ୍ରାଇଭରକୁ ମାଲିକ ସାଙ୍ଗରେ ସମାନ କରି ରାଜନୀତି ଆଲୋଚନା କରନ୍ତି। ସଂସାରଟା ସମସ୍ତଙ୍କ ପାଇଁ ଏହା ବାସ୍ତବ। ବିଚିତ୍ରତାକୁ ବାସ୍ତବରେ ରୂପାନ୍ତରିତ କରିବାରେ ସେ ସିଦ୍ଧହସ୍ତ।

ସୈନିକ ସ୍କୁଲ ନିକଟରେ ପାନଦୋକାନ କରିଥିବା ମଦନି ଗୁଆ କାଟୁ କାଟୁ ଗରାଖଙ୍କୁ କହିବ। ମନକଥାକୁ କେମିତି ଜାଣନ୍ତି କେଜାଣି ? ଯେମିତି ମନ ଭିତରେ ପଶି ଯାଇଛନ୍ତି। ଖାଲି ପଶି ନାହାନ୍ତି, ମନକୁ ଖିନଭିନ୍ କରି ଦେଖିଛନ୍ତି। ଅନ୍ୟ ମନ ଭିତରେ ସେ ମନକୁ ପୂରାଇବାକୁ ଚେଷ୍ଟା ବି କରିଛନ୍ତି। ତା କଥାକୁ ସମର୍ଥନ କରି ପାଖ ଚା ଦୋକାନର ବୁଢାଦାମ କିଶୋର ଚା ଗିଲାସକୁ ବଢାଇ ଦେଇ ଧନଞ୍ଜୟ ଫାଶୀ କାହାଣୀ ଉପରେ ଦୁର୍ଗାଦାସଙ୍କ ଉପନ୍ୟାସକୁ ବିଶ୍ଳେଷଣ କରି କହିଲା, ''ହଁ ହୋ; ସତେକି ଦୁର୍ଗାଦାସ ନିଜେ ଧନଞ୍ଜୟ। ମୋର ତ ମନେହେଲା ମୁଁ ବି ଧନଞ୍ଜୟ ପାଲଟି ଯାଇଛି ଓ ଫାଶି ପାଉଛି। ମୋର ବିଚିତ୍ର ବିଚିତ୍ର ଅନୁଭୂତି ହେଲା। ମୁଁ ଚା କରିବା ସମୟରେ ଦେଖିଲି ମୁଁ ନିଜେ ଫାଶୀ ଖୁଣ୍ଟ ନିକଟରେ ଛିଡା ହୋଇଛି। ମୋ ଗଳାରେ ଫାଶୀ ଦଉଡି।''

ଦୁର୍ଗାଦାସ ସବୁଠି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ। ସେ ଚର୍ଚ୍ଚାର ପଛରେ ରହିଛି ସାଧାରଣ ମଣିଷଟିଏର ବେଦନାସିକ୍ତ, ଲହୁଲୁହର, ନିର୍ଯ୍ୟାତନାର କାହାଣୀ। ଭଗ୍ନ ରାଜବାଟୀ ଅନେକ ଲୋମହର୍ଷକ ଅତ୍ୟାଚାରର ମୂକସାକ୍ଷୀ ଭାବରେ ଠିଆ ହୋଇଥିବା ପରି ଦୁର୍ଗାଦାସଙ୍କର ଚରିତ୍ରମାନେ ସେମିତି ଦେଖାଯାଆନ୍ତି। ଇତଃସ୍ତତଃ ବିକ୍ଷିପ୍ତ ଚରିତ୍ରମାନଙ୍କର ଅଜଣା, ଅଶୁଣା ଓ ଅକୁହା କଥାର ଦଲିଲ ହୋଇଯାଏ ତାଙ୍କର ଉପନ୍ୟାସ।

ଦୁର୍ଗାଦାସ ଏବେ ଏକ ନୂଆ କାହାଣୀ ଲେଖୁଛନ୍ତି। ଅନେକ କଳ୍ପନା ସେହି କାହାଣୀକୁ ନେଇ। କିଏ କହୁଛି ଗ୍ରୋଧା ହତ୍ୟାକାଣ୍ଡର ସେଇ ନୀରିହା ବାଳିକାଟିକୁ ଜୋର ଜବରଦସ୍ତି ଟେକିନେଇ ଧର୍ଷଣ କରିବାର ବର୍ଣ୍ଣନା ଏଥିରେ

ରହିଛି ତ ଅନ୍ୟ କିଏ କହୁଛି ସଦାମ ହୁସେନ୍‌ଙ୍କର ବିଚିତ୍ର ନାରୀ ପ୍ରୀତି ଓ ପୈଶାଚିକ ପ୍ରବୃତ୍ତିର ଟିକ୍‌ନିଖି ଚିତ୍ର ଏଥିରେ ଦିଆଯାଇଛି। ଆଉ କିଏ କହୁଛି ମଣିପୁରଠାରେ ପୋଲିସ୍ ଦ୍ୱାରା ବଳାତ୍କାରର ଶିକାର ହୋଇଥିବା ସେଇ ନାରୀଟିର ମର୍ମବେଦନାକୁ ସେ ରୂପ ଦେଇଛନ୍ତି।

ଠିଆ ହୋଇଛି ବିରାଟ ରାଜ ପ୍ରସାଦ। କାହା ଅମଳରେ ଏହା ନିର୍ମାଣ ହୋଇଥିଲା ତାର ଠିକ ଖବର କାହା ନିକଟରେ ନାହିଁ। କାନ୍ଥରେ ଅନେକ ଫାଟ, ଅନେକ ଛୋଟବଡ ଗଛକୁ ନିଜକୁ ବଞ୍ଚାଇ ରଖି ବଢିବା ପାଇଁ ପ୍ରତି ଯୋଗିତା କରୁଛନ୍ତି। ରାଜ ପ୍ରସାଦର ପ୍ରବେଶ ଦ୍ୱାର ଲୁହା ଗେଟ୍‌ରେ କଳଙ୍କ ଲାଗି ଗଲାଣି। ଖୋଲିବା ମାତ୍ରେ ଏକ ବିକଟାଳ ଶବ୍ଦ କରି ଲୋକଙ୍କ ମନରେ ଭୟ ସଞ୍ଚାର କରୁଛି। ସେଇ ରାଜ ପ୍ରସାଦରେ ଏବେ ବି ରାଜାଙ୍କର ପୁତ୍ର ରାଜପୁତ୍ର ଆସନରେ ବସି ପୈତୃକ ସମ୍ପତିର ଭୋଗ ଦଖଲରେ ମଗ୍ନ। ରାଜ୍ୟ ନାହିଁ, ରାଜା ନାହାନ୍ତି କିନ୍ତୁ ରାଜପୁତ୍ର ନିଜକୁ ରାଜା ପରି ଅୟଶରେ ବଞ୍ଚିବା ପାଇଁ ନିଜ ଚେଷ୍ଟାରେ ଅବହେଳା କରୁନାହାନ୍ତି। ରାଣୀ ପୁଷ୍ପାର ସବୁ ଇଛାକୁ ପୂରଣ କରିବା ଦିଗରେ ରାଜା ଭୁବନା ନନ୍ଦ କେଉଁଠି ହେଲେ ହେଳା କରିବାକୁ ଚାହାଁନ୍ତି ନାହିଁ।

ପୁଷ୍ପା ସୁନ୍ଦରୀ, ବୁଦ୍ଧିମତୀ କିନ୍ତୁ ଆତ୍ମଗର୍ବ ତାଙ୍କ ମୁହଁରେ ଫୁଟି ଉଠୁଛି। ରାଜ୍ୟ ସିନା ଚାଲିଯାଇଛି ହେଲେ ସେ ତ ରାଣୀ। ଦାସ ଦାସୀ ପୋଇଲି ଗହଣରେ ଚଳିବା ତାଙ୍କର ଅଭ୍ୟାସ। ନିଜର ସବୁ କାମ ପାଇଁ ଲୋଡା ଏପରି ମଣିଷ, ଯିଏ ଆଜ୍ଞା, ପାଳନ କରିବାକୁ ଆଗେଇ ଆସୁଥିବ। ମୁହଁରୁ କଥା ବାହାରୁନଥିବ, କିନ୍ତୁ କାମ କରି ଚାଲିଥିବ। ପୁଷ୍ପା ଜାଣନ୍ତି ରାଜା ଭୁବନାନନ୍ଦଙ୍କର ଆର୍ଥିକ ସ୍ଥିତି। ଉପରକୁ ଦେଖେଇ ହବାକୁ ଯେତେ ଚାହିଁଲେ ବି ଦେହ ଭିତରେ ଦେହକୁ ରୋଗ ଖାଇ ଚାଲିଛି, ଏ କଥା ଯେମିତି ଲୁଚାଯାଇ ପାରେନି, ସେମିତି ଧନର ଅଭାବ ତାଙ୍କୁ ଗ୍ରାସ କରିଛି। ତଥାପି ସେ ନିଜ ଗାଁରୁ ଆଣିଛନ୍ତି ବାପା-ମା ଛେଉଣ୍ଡ ପିଲାଟିଏ। ବୟସ ମାତ୍ର ୮ ବର୍ଷ ପ୍ରଶାନ୍ତ ନାୟକ ତାର ନାଆଁ। ବେଶ୍ ଡଉଲ ଡାଉଲ। ବଳିଲା ବଳିଲା ଦେହ। ବାପା-ମା ନ ଥିବାରୁ ପିଲାଟି ରାଜି ହୋଇ ଆସିଲା ରାଜା ଭୁବନାନନ୍ଦଙ୍କ ଉଆସକୁ। ଭଲ ଖାଇବ, ଭଲ ପିନ୍ଧିବ ଏଇ ସ୍ୱପ୍ନ ଦେଖିଥିଲା ସେ। ସବୁ ଛୁଆମାନେ ଯେମିତି ସ୍ୱପ୍ନ ଦେଖନ୍ତି।

ଖଡିଆଳ ରାଜପ୍ରସାଦକୁ ଯେଉଁଦିନ ସେ ଅଣା ହୋଇ ଆସିଥିଲା, ସେ ଦିନ ଆବାକାବା ହୋଇ ଚାହିଁଲା ରାଜ ପ୍ରାସାଦକୁ। କେତେ ବଡ ଘର, କେତେ ବଡ ପାଚେରୀ। ମନରେ ତାର ଉଠିଲା ଅନେକ ଆଶା। ସେ ଗୁଡି ଉଡେଇବ। ବଲ ଖେଳିବ। ତାକୁ ତା ଗାଁ ସୋଡଜରୁ ଆଣିବା ବେଳେ ରାଣୀ ପୁଷ୍ପାର ଭାଇ କହିଥିଲେ, ଚାଲ୍‌ରେ ପ୍ରଶାନ୍ତ; ଏ ଗାଁରେ ରହି କଣ କରିବୁ? ତୋତେ ଏଠି କିଏ ଖାଇବାକୁ ଦେବ। ଦିନେ ଖାଇ ଦିନେ ଉପାସ ରହୁଛୁ। ଯା ଦୁଆର ତା ଦୁଆର ହୋଇ କାମ କରୁଛୁ। ଚାଳ ଘରେ ମୁଣ୍ଡ ଗୁଂଜିବାକୁ ଜାଗା ନାହିଁ। ତୁ ରାଜାଘରକୁ ଚାଲ। ସେଠି କଣ ବା କାମ! ପାଠ ପଢିବୁ ଟିକିଏ ବୋଲହାକ କରିବୁ ଆରାମରେ ଖାଇପିନ୍ଧି ରହିବୁ। ତୋ ପରି ଆହୁରି କେତେ ପିଲା ଅଛନ୍ତି। ତୁ ସେମାନଙ୍କ ସାଙ୍ଗରେ ଗୁଡୁ, ବଲ, କ୍ରିକେଟ ଖେଳିବୁ। ଗୁଡି ଉଡାଇବୁ। ଭଲ ଜାମା ପେଣ୍ଟ ପିନ୍ଧିବୁ।

ତାଙ୍କ କଥାରେ କିମିଆଁ ଥିଲା। ସ୍ୱପ୍ନ ଥିଲା। ଜୀବନ ଗଢିବାର ଆଶା ଥିଲା। ପ୍ରଶାନ୍ତ ଆସିଥିଲା ରାଜମହଲ କୋଠିକୁ।

ପ୍ରଶାନ୍ତର ପିଲାମାନେ ଦୁଃଖର ଢେଉ ଭାଙ୍ଗୁଥିଲା। ଯେଉଁଦିନରୁ ସେ ସେହି ପ୍ରକାଣ୍ଡ ହତା ମଧ୍ୟକୁ ପ୍ରବେଶ କଲା, ସେଇଦିନରୁ ଆରମ୍ଭ ହେଲା ତା ଉପରେ ଅତ୍ୟାଚାର। ଓଃ କି ଭିଷଣ ଯନ୍ତ୍ରଣା। ପୁଷ୍ପା ଦେବୀ ସକାଳୁ ଉଠିବା ମାତ୍ରେ ପାଟିକରି ଡାକିବେ, ଆବେ ପ୍ରଶାନ୍ତ; ସକାଳର ସୂର୍ଯ୍ୟକିରଣ କେତେ ପଡିଲାଣି ଅଥଚ ତୋ ର ଘରଓଳା ସରିନି ଟା କେତେ ବେଳେ କରିବୁ? ଲୁଗା ସଫା କରିବୁ କି ନାହିଁ କି? ରୋଷେଇ ଚଞ୍ଚଳ ସାରିଲେ ବାବୁ ଖାଇକି ଯିବେ ସହରକୁ। କୁକୁରକୁ ବୁଲେଇ ନେଲୁଣି କି ନାହିଁ। ହାଟରୁ ପରିବା ଆଣିବା ଡେରି କେଲେ ଭଲ ପରିବା ମିଳିବ ନାହିଁ। ଗେଫ ମାରିବାବେଳକୁ ତ ଫୁରୁସତ ନାହିଁ, କାମରେ ଢିଲା। ହଇବେ, ଏଠି କଣ ମାଗଣା ଖାଇବାକୁ ଆସିଛୁ କି?

ସକାଳୁ ରାତି ୧୧ଟା ଯାଏ ଆରମ୍ଭ ହୋଇଯାଏ ପୁଷ୍ପାଦେବୀଙ୍କର ଗାଳି। ତା ଉପରେ ଉତ୍ତମ ମଧ୍ୟମ କରି ବିଧା ଚାପୁଡା କାନମୋଡା। ଗରମ ପାଣି ଫିଙ୍ଗାଯାଏ ତା ଉପରକୁ।


ସଫଳତା ପାଇଁ କୌଣସି ଛୋଟ ରାସ୍ତା ନାହିଁ, ନିରନ୍ତର ଉଦ୍ୟମ ଓ ପରିଶ୍ରମ ଦ୍ୱାରା ଏହା ହାସଲ କରାଯାଏ। - ଜର୍ଜ୍ ୱାଶିଂଟନ୍

କିଛି କହି ପାରେନି ପ୍ରଶାନ୍ତ। କାହାକୁ ଅବା କହନ୍ତା। ଘରେ ଦାଦାଖୁଡ଼ି। ଏ ଯନ୍ତ୍ରଣାଠାରୁ ସେମାନଙ୍କ ଯନ୍ତ୍ରଣା ଅଧିକ ଦୁଃଖଦାୟକ।

କୁକୁରକୁ ଖାଇବାକୁ ଦିଏ। ତା ଦେହରେ ହାତ ବୁଲାଇ ଦେବାବେଳେ ସେ ଚାଟି ପକାଏ ପ୍ରଶାନ୍ତର ଦେହକୁ, ବଡ଼ବଡ଼ ଆଖିରେ ଚାହେଁ। କେତେ ଲୁହ ତା ଆଖିରେ। ପ୍ରଶାନ୍ତ ଠାରୁ ପୁଷ୍ପାଦେବୀଙ୍କ ପାଇଁ କୁକୁର ବେଶି ମୂଲ୍ୟବାନ। କୁକୁର ଅଇଁଠା ଖାଦ୍ୟ ତାକୁ ଖାଇବାକୁ ଦିଆଯାଏ।

କୁକୁର ଠାରୁ ସେ ଯେପରି ଭିନ୍ନ ନୁହେଁ। କୁକୁର ଓ ତା ଭିତରେ କୌଣସି ପାର୍ଥକ୍ୟ ଦେଖନ୍ତି ନାହିଁ ପୁଷ୍ପାଦେବୀ।

ରାଜ ପରିବାରର ଗୁମର କଥା କେହି ଜାଣି ପାରନ୍ତି ନାହିଁ। ପାଚେରୀ ଭେଦ କରି ମଣିଷ କାନରେ କୌଣସି କଥା ବାଜେନା। ଆଠବର୍ଷର ପ୍ରଶାନ୍ତ ଜୀବନରେ ଉଠୁଥାଏ ଝଡ। ଦୁଃଖର ଲୁହ ସିନା ଆଖିରୁ ଝରିପଡେ, କିନ୍ତୁ ତାଙ୍କୁ ଆହା ପଦେ କହିବାକୁ କେହି ନଥାନ୍ତି।

ଦୀର୍ଘ ୧୧ ମାସ ଧରି ଦୁଃଖ ଭୋଗୁଛି ପ୍ରଶାନ୍ତ। ସେଦିନର ଚରମ ନିର୍ଯ୍ୟାତନାର ଘଟଣା ସେ ଭୁଲି ପାରୁନି। ଡାକ୍ତରଖାନା ଖଟିଆ ଉପରେ ଶୋଇ ବହୁ କଷ୍ଟରେ ନିଶ୍ୱାସ ନେଉଛି ସେ। ଦେହସାରା ନିଆଁର ଚେଙ୍କ, ମୁଣ୍ଡରେ ପଟି। ହାତ, ଗୋଡ, ପେଟ, ପିଠି ସବୁଠି ଚେଙ୍କର ମାରାତ୍ମକ ଚିହ୍ନ ତା ଦେହ ର ରଙ୍ଗକୁ ବଦଳାଇ ଦେଇଛି। ସେ ବଞ୍ଚିବ ଏ ବିଶ୍ୱାସ ତାର ନାହିଁ। ବହୁ କଷ୍ଟରେ ରାଜଉଆସ ଭିତରୁ ଗୁରୁଣ୍ଡି ଗୁରୁଣ୍ଡି ପଦାକୁ ଚାଲି ଆସିଲା। କୁକୁର ତା ଆସିବା ଦେଖି ଭୁକି ନ ଥିଲା ବରଂ ଗେଟ୍ ଦରଜା ନିକଟରେ ବସିରହି ତାର ଚାଲି ଆସିବାରେ ସାହାଯ୍ୟ କରିଥିଲା।

ମନେ ମନେ ଭାବୁଥିଲା ପ୍ରଶାନ୍ତ। କଣ ଗର୍ହିତ କାମ ସେ କଲା ଯେ ତାକୁ ପୁଷ୍ପାଦେବୀ ଏମିତି ବିଭତ୍ସ ଭାବରେ ନିଆଁରଡ ଚେଙ୍କ ଦେଲେ? କ୍ଷୀରଟୋପେ ହାଣ୍ଡିରୁ ଉତୁରି ହିଟରରେ ପଶିଗଲା। ପାଣି ଗରମ କରି ଫିଲଟରରେ ରଖୁଥିବାବେଳେ କ୍ଷୀର ହାଣ୍ଡି ଉତୁରି ପଡିଲା। ସେଉଠୁ ଆରମ୍ଭ ହେଲା ତା ପ୍ରତି ଏ ନିଷ୍ଠୁର ଆଚରଣ। ଆବେ, ତୋ ବୋପା ଦିହକରେ କେହି କାମ କରିଥିଲେ ନା ତୁ କରୁଛୁ। ତୋ ର ଦିନକୁ ମୋର ଦିନେ। ଅକଥ୍ୟ ଭାଷା ସହିତ ପାଖରେ ପଡିଥିବା ଲୁହା ଖଡିକା ତା ଉପରେ ମାଡ଼ିଦେଲେ। ଦେହ ସାରା ଫୋଟକା ଓ ତତଲା ଖଡିକାର ଚିହ୍ନ ତାର ଚେତାକୁ ହଜାଇଦେଇଥିଲା।

ଅନେକ ସମୟ ସେ ପଡି ରହିଥିଲା ବାହାର ବାରଣ୍ଡାରେ। ଗରମ ନିଆଁର ଉତ୍ତାପରେ ଜଳୁଥିଲା ତାର ପୂରା ଦେହ। ତାର ଭାବିବାର ଶକ୍ତି ନଥିଲା। ପ୍ରତିହତ କରିବାର ବଳ ନ ଥିଲା। ପ୍ରତିଶୋଧ ନେବାର ଚିନ୍ତା ଉଦ୍ରେକ ହୋଇନଥିଲା।

ଗାଁର ଅପାଠୁଆ ବାପ-ମାଛେଉଣ୍ଡ ପିଲାଟି ଅବା କେମିତି ଏତେ କଥା ଭାବି ପାରନ୍ତା। କିଏ ତାର ସାହା ଭରସା। ଭଗବାନ୍। କଏ ସେ ଭଗବାନ? ପାଟିରୁ ବାହାରି ପଡୁଥିଲା, ବୋଉଲୋ, ଜନ୍ମରୁ ବୋଉକୁ ସେ ଦେଖି ନାହିଁ। ବୋଉର ପଣତକାନି ତଳେ ନିଜକୁ ଘୋଡାଇ ଦେବାର ସୁଯୋଗ ତା କପାଳରେ ଜୁଟୁନି।

ସଂସାରକୁ ସେ କଣ ଅବା ଦେଖିଛି ?କିନ୍ତୁ ସଂସାରର ସବୁ ଦୁଃଖ ଯେମିତି ତା ଉପରେ ମାଡି ହୋଇ ପଡିଛି ।

ସଂସାରରେ କଣ ସବୁ ଏଇମିତି ଘଟେ? ତା ହୀନ କପାଳରେ ଏଇଆ ଲେଖା ଅଛି ବୋଲି ଦାଦା ଖୁଡ଼ି ରାଗରେ ମାରିଲାବେଳେ କହନ୍ତି।

ହୀନ କପାଳ ନେଇ ତ ଜନ୍ମ ହେଇଛୁରେ। ନଚେତ୍ ପିଲା ଦିନରୁ ବାପା-ମାକୁ ଖାଇ ନ ଥାନ୍ତୁ। ଖୁଡି ବଡ ପାଟି କରି କହିବ। ସେଥୁ ମୁକ୍ତି ପାଇବାକୁ ସେ ରାଜଉଆସକୁ ଚାଲି ଆସିଥିଲା କିନ୍ତୁ କଣ ହେଲା ତାର.

ଡାକ୍ତରଖାନାକୁ କେମିତି ଆସିଲା ଜାଣେନି କିନ୍ତୁ ସେ ଯେ ବଞ୍ଚିଛି ତାହା ହିଁ ତାକୁ ଚକିତ କରୁଥିଲା। ଜୀବନର ସ୍ୱାଦ ଚାଖିନଥିବା ପ୍ରଶାନ୍ତ ମୃତ୍ୟୁର ପରଶକୁ ସିନା ଅନୁଭବ କରୁଥିଲା କିନ୍ତୁ ମରିନଥିଲା।

ସେ ବଞ୍ଚିଗଲା କହିବାକୁ ତା ଜୀବନର ଇତିହାସ। ଏ ଇତିହାସ କେବଳ ତାର ନୁହେଁ, ଏଭଳି ଲକ୍ଷଲକ୍ଷ ଅଭିଶପ୍ତ ଶିଶୁଙ୍କର ଇତିହାସ।

ଦୁର୍ଗାଦାସ ବର୍ଣ୍ଣନା କରୁଥିଲେ ପ୍ରଶାନ୍ତ ଜୀବନର ଘଟଣା । ଘଟଣା ନୁହେଁ ତ ମାନବିକତାର କଳଙ୍କମୟ ଇତିହାସ।

ନିର୍ଯ୍ୟାତନାର ବେଦନାସିକ୍ତ କାହାଣୀ। ଏ କାହାଣୀ କେବଳ ପ୍ରଶାନ୍ତର ନୁହେଁ, ପ୍ରଶାନ୍ତ ପରି ଅନେକ ନୀରିହ ବାଳକ ବାଳିକା ମାନଙ୍କର ଅଶ୍ରୁଳଭରା ଜୀବନ ନାଟକ।

ରାଜା ଭୁବନାନନ୍ଦ ଓ ରାଣୀ ପୁଷ୍ପାଦେବୀଙ୍କ ରାଜମହଲ ନା ଲାଲମହଲ। ମଣିଷ ରକ୍ତରେ ଗଢ଼ା ଏଇ ଲାଲମହଲ କେତେ ମଣିଷଙ୍କର ରକ୍ତରେ ଗଢ଼ା ହୋଇଛି ତାର କିଛି ହିସାବ ନାହିଁ। କି ଦଣ୍ଡ ସେମାନେ ଭୋଗିଛନ୍ତି, ତାର କୌଣସି ତଥ୍ୟ ନାହିଁ।

ଦୁର୍ଗାଦାସ କିନ୍ତୁ ଏମାନଙ୍କୁ ଦଣ୍ଡ ଦେବାକୁ ଚାହାନ୍ତି। କଠିନ ଦଣ୍ଡ। ଯେଉଁ ଦଣ୍ଡର ନାଁ ଶୁଣିବାମାତ୍ରେ ମନୁଷ୍ୟର ହୃତକମ୍ପ ଜାତହେବ। ଏଇ ଜଘନ୍ୟ କାର୍ଯ୍ୟ କରିବାକୁ ଆଉ ଭରସା କରିବ ନାହିଁ। ଏପରି ମଣିଷମାନଙ୍କ ପାଇଁ ପ୍ରାଣଦଣ୍ଡ ମଧ୍ୟ କମ୍। କଣ ହେବ ଏମାନଙ୍କର ଦଣ୍ଡ ?

ଏମାନଙ୍କର ପାପର ଦଣ୍ଡ ଏମାନଙ୍କୁ ଏଇ ଜନ୍ମରେ ହିଁ ଭୋଗ କରିବାକୁ ହେବ। ଚାକର ପରି ଏମାନଙ୍କୁ ଖଟାଇବାକୁ ହେବ। ସଭ୍ୟ ସମାଜ କଣ ଏହା କରିପାରିବ ?

ନୀଳବର୍ଣ୍ଣ ଶୃଗାଳ ବେଶରେ ରାଜା ଓ ରାଣୀ ବୋଲାଇବାର ପରିଣିତି କଣ କେବଳ ଜେଲଦଣ୍ଡ ? ରାଜା ଭୁବନାନନ୍ଦ ଓ ରାଣୀ ପୁଷ୍ପାଦେବୀଙ୍କୁ ଦରିଦ୍ର୍ୟ କରି ବଞ୍ଚିବା ପାଇଁ ଛାଡିଦେବା କଣ ଠିକ୍ ହେବ ?

ଦୁର୍ଗାଦାସ ନିଜ କାହାଣୀର ନାଁ ଦେଇଛନ୍ତି ଲାଲ ମହଲ ଓ ପ୍ରଶ୍ନପରେ ପ୍ରଶ୍ନ ପଚାରି ଚାଲିଛନ୍ତି।

ଦାମ ବିଶୋଇ ଚାହିଁଛି ଚା କେଟିଲ ଧରି ୟୁନିୟନ ବ୍ୟାଙ୍କକୁ ଚା ଦେବାକୁ ଯାଉଥିବା ଗୁରିଆକୁ। ନଅବର୍ଷର ଗୁରିଆ ତା ପାଖରେ ଚା ଦୋକାନରେ କାମ କରୁଛି। ଦାମ ଜୋରରେ ଡାକ ପକାଇଲା, ''ଗୁରିଆରେ ଗୁରିଆ, ଚଞ୍ଚଳ ଏଠିକି ଆ। ମୁଁ ଯିବି ଚା ଦେବାକୁ। ତୋର ଆଜିଠୁ ଚା ନେଇ ଦେବା ବନ୍ଦ। ତୁ ଯିବୁ ସ୍କୁଲକୁ ପାଠ ପଢ଼ିବା ପାଇଁ।'' ଗୁରିଆକୁ ଶୁଭିଲା କି ନାହିଁ ଜଣା ନାହିଁ, କିନ୍ତୁ ସେ ଖାଲି କେଟିଲ ନେଇ ଫେରିଲା। ଦାମ ବିଶୋଇ କିନ୍ତୁ ପଢ଼ି ଚାଲିଥିଲା ଦୁର୍ଗାଦାସଙ୍କର ଲାଲ ମହଲର କାହାଣୀ ଓ ଚାହୁଁଥିଲା ଗୁରିଆକୁ। ଆଖିରୁ ବହି ଯାଉଥିଲା ଲୁହର ଧାର।

**ଗଜପତି ନଗର, ଭୁବନେଶ୍ୱର-୭୫୧୦୦୫**

# ଅଭିଶପ୍ତ ଶୈଶବ

**ଛନ୍ଦା ମିଶ୍ର**

ଶିଶୁ ଟିଏ ଜନ୍ମଗ୍ରହଣ କଲାମାତ୍ରେ, ତା'ର କୁଆଁ କୁଆଁ ରାବରେ ଘର, ପରିବାର ତଥା ସମଗ୍ର ପରିବେଶରେ ଏକ ଶୁଭ ସକାଳର ଆଗମନ ହେଲା ବୋଲି ମନେକରି ସମସ୍ତ ପ୍ରିୟ ପରିଜନଙ୍କ ଅନ୍ତର, ହର୍ଷୋଲ୍ଲାସରେ ଭରିଯାଏ। ଇଶ୍ୱରଙ୍କ ନିକଟରେ ଧନ୍ୟବାଦ ଜ୍ଞାପନ ସହ ଘର ହୋଇଉଠେ ଉତ୍ସବମୁଖର।

ଠିକ୍ ଏହାର ଅପର ପାଶ୍ୱରେ ଅନ୍ୟ ଏକ ଦୃଶ୍ୟ ଦେଖିବାକୁ ମିଳେ। ଶିଶୁଟିଏ ଜନ୍ମ ନେଉ ନେଉ, ସେ ପାଲଟିଯାଏ ବୋଝ। ସୀମିତ ସମ୍ବଳରେ ଭାଗବସାଇବା ପାଇଁ ଆସିଯାଇଥିବା ଆଉ ଏକ ପେଟ। ଏହି 'ନାହିଁ ନାହିଁ' ର ସଂସାର', ଗୋଟିଏ ଅଧିକ 'ପେଟ' କୁ ଘରେ ବସାଇ ଖାଇବାକୁ ଦେବା ଅସମ୍ଭବ ପ୍ରାୟ ମନେକରି ତାକୁ ସଜାଇଦିଏ 'ଶିଶୁ ଶ୍ରମିକ' ବେଶରେ। କଅଁଳ ହାତ ତାର କଣ୍ଢେଇ ଧରି ଖେଳିବା ପରିବର୍ତ୍ତେ ଅଇଁଠାବାସନ ସନ୍ଧିରୁ ଖୋଜୁଥାଏ ନିଜପାଇଁ ମୁଠାଏ ଦାନା। ମେରୁଦଣ୍ଡ ସିଧା କରି ଠିଆହୋଇ ଶିଖିବା ପୂର୍ବରୁ ମୁଣ୍ଡ ଉପରେ ଥିବା ଇଟାର ବୋଝ, ମେରୁଦଣ୍ଡ ଟିକୁ କରିସାରିଥାଏ ଦୁର୍ବଳ ତଥା ରୁଗ୍ଣ। ଏହି ରୁଗ୍ଣ ଶରୀର ଧାରୀ ନିଷ୍ପାପ କଳିକା ଟି, ପ୍ରସ୍ଫୁଟିତ ହେବା ପୂର୍ବରୁ ହିଁ ଅକାଳରେ ଝରିପଡେ। ଶୈଶବରେ ଧୂଳିବାଲି ଖେଳରେ ମଉହୋଇ, ନୟନରେ ସୁନେଲୀ ସ୍ୱପ୍ନର ସମ୍ଭାର ଭରିବା ପରିବର୍ତ୍ତେ, ତାର ଶୈଶବ, ତା ପାଇଁ, ତା ପରିବାର ପାଇଁ ଏବଂ ସମଗ୍ର ସମାଜ ପାଇଁ ପାଲଟି ଯାଏ ଏକ ଅଭିଶାପ। ଯେଉଁ ଅଭିଶାପ କବଳରୁ ମୁକ୍ତ ହେବା ପାଇଁ ସେ ଆଜୀବନ ହୁଏ ହନ୍ତସନ୍ତ। ପାଏ ଅକଥନୀୟ ଯନ୍ତ୍ରଣା। ଶିଶୁ ଶ୍ରମିକ ଶବ୍ଦଟି ମନମଧକୁ ଆସିଲା ମାତ୍ରେ, ଚକ୍ଷୁ ସାମ୍ନାରେ ନାଚିଉଠେ କଙ୍କାଳ ସାର ମନୁଷ୍ୟ ଦେହ ଧାରୀ କ୍ଷୁଦ୍ର ଅବୟବ ଟିଏ। ବିପର୍ଯ୍ୟସ୍ତ କେଶରାଶି, ଛିନ୍ନ ବସ୍ତ୍ର ଓ ଜିର୍ଣ୍ଣ ଶରୀର ଧାରୀ ଏହି ମଣିଷ ଶିଶୁଟି କେଉଁ ଗ୍ୟାରେଜ ନିକଟରେ ଗାଡ଼ିର ଚକା ବଦଳାଇ ଅବା କେଉଁ ବାଣକାରଖାନାରେ ବାରୁଦର ସଳିତା ବଳୁବଳୁ, କାର୍ଯ୍ୟ ଶେଷରେ ଖାଦ୍ୟ ମୁଠିଏ ମିଳିବାର ସ୍ୱପ୍ନରେ ହୋଇଉଠେ ବିଭୋର।



ସତ୍ୟ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ, ଏହା କେବଳ ସେମାନଙ୍କ ପାଇଁ, ସେମାନେ ତାକୁ ଅନ୍ୱେଷଣ କରନ୍ତି। - କିଙ୍ଗ୍

ଭାରତ ଭଳି ବିକାଶଶୀଳ ରାଷ୍ଟ୍ରରେ, ଜନସଂଖ୍ୟା ବିସ୍ଫୋରଣ ସହ ତାଳ ଦେଇ ଦ୍ରୁତଗତିରେ ବଢିଚାଲିଥିବା ସମସ୍ୟାଗୁଡିକ ମଧ୍ୟରେ ଶିଶୁ ଶ୍ରମିକ ସମସ୍ୟାଟି ସର୍ବାଗ୍ରେ ସ୍ଥାନିତ। ଶିଶୁଟିଏ ଦାରିଦ୍ର୍ୟର କଷାଘାତରେ ପେଷିହୋଇ ନିଜର ଜନ୍ମଗତ ଅଧିକାର ଗୁଡିକ ହରାଇବା ସହ, ଏକ ଅମୁହାଁ କୂପ ମଧ୍ୟରେ ନିଜର ଶୈଶବଟି ହଜାଇଦିଏ। ଜୀବନ ଧାରଣର ପ୍ରଥମ ଆବଶ୍ୟକତା ହେଉଛି ଖାଦ୍ୟ, ଏହାପରେ ଆସେ ସ୍ୱାସ୍ଥ୍ୟ ଓ ଶେଷରେ ଆସେ ଶିକ୍ଷା। ତେଣୁ ଏହି ପରିବାର ଗୁଡିକ ଦାରିଦ୍ର୍ୟର ନିର୍ମମ ପଞ୍ଜା ମଧ୍ୟରେ ଏପରି ଭାବେ ଛନ୍ଦି ହୋଇ ରହିଥାନ୍ତି ଯେ, ଖାଦ୍ୟଟିକକ ପାଇଁ ତାଙ୍କ ପ୍ରାଣ ହୋଇଉଠେ ତହଲବିକଳ। ଭୋକିଲା ପେଟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଷୟରେ ଚିନ୍ତା କରିବା ସମ୍ପୂର୍ଣ୍ଣ ନିରର୍ଥକ ମନେହୁଏ। ତେଣୁ ପରିବାରକୁ ଶିଶୁଟିଏ ଆସିଲା ମାତ୍ରେ, ପରିବାରର ରୋଜଗାର ବଢାଇବା ପାଇଁ ଆଉ ଦୁଇଟି ଅଧିକ ହାତ ଯୋଗ ଦେଲେ ବୋଲି ମନେକରାଯାଏ। ତେଣୁ ଦାରିଦ୍ର୍ୟ ପ୍ରପୀଡିତ ପ୍ରତ୍ୟେକଟି ପରିବାରରେ ଭୂମିଷ୍ଠ ହେଉଥିବା ପ୍ରତ୍ୟେକଟି ଶିଶୁ ନିଜ ପେଟ ପାଇଁ ଦାନା ମୁଠିଏ ଯୋଗାଡ କରିବାର ଆଶା ନେଇ, ବାଲ୍ୟବସ୍ଥାରୁ ଶ୍ରମକୁ ଆଦରି ନିଏ। ଏହାଛଡା, ଅନ୍ୟ କେତେକ କ୍ଷେତ୍ରରେ, ଅଭିଭାବକ ଟିଏ, ନିଜ ଅଭାବି ପରିବାରକୁ ଚଳାଇବା ପାଇଁ, ମହାଜନ ଠାରୁ ସୁଧରେ ଆଣୁଥିବା ଟଙ୍କା ବଦଳରେ ନିଜ ଶିଶୁକୁ ବନ୍ଧକ ରଖେ। ତେବେ, ସୁଧ ସହ ମୂଳ ଟଙ୍କା ଫେରାଇବା, ତା ପକ୍ଷେ ଅସମ୍ଭବ ହୋଇପଡୁଥିବାରୁ, ଶିଶୁଟି, ଅନିର୍ଦ୍ଦିଷ୍ଟ କାଳ ପାଇଁ, ସାହୁକାର ନିକଟରେ ଗୋତି ଖଟିବା ପାଇଁ ହୋଇଥାଏ ବାଧ ଏବଂ ଏହି ଶିଶୁ ଶ୍ରମିକ ମାନେ, ସେମାନଙ୍କ ନିଯୁକ୍ତି-ଦାତା ମାନଙ୍କ ଠାରୁ ହୋଇଥାନ୍ତି ଶୋଷିତ ତଥା ନିର୍ଯ୍ୟାତିତ। ନିଜ କାର୍ଯ୍ୟ ତୁଳନାରେ ଏମାନଙ୍କୁ ଯଥେଷ୍ଟ କମ୍ ମଜୁରି ମିଳେ ଏବଂ ବୋଝ ଉପରକୁ ନଳିତା ବିଡା ସଦୃଶ ମିଳିଥାଏ ଅକଳ୍ପନୀୟ ମାନସିକ ଓ ଶାରୀରିକ ନିର୍ଯ୍ୟାତନା। ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହି ସ୍ୱଳ୍ପ ଖାଦ୍ୟ ଖାଇ ଏବଂ ହାଡ ଭଙ୍ଗା ପରିଶ୍ରମ କରି ଏହି ଶିଶୁମାନେ ଅକାଳରେ ମୃତ୍ୟୁ ମୁଖରେ ପଡିଥାନ୍ତି।

ସରକାରୀ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଭାରତରେ, ୫ ରୁ ୧୪ ବର୍ଷ ବୟସ୍କ ପ୍ରାୟ ୧୫ ନିୟୁତ ଶିଶୁ ଶ୍ରମିକ ଅଛନ୍ତି। ଏମାନଙ୍କ ମଧ୍ୟରୁ ୦.୨୫ ନିୟୁତ ଅତି କଠିନ ତଥା ବିପଦ୍‌ଜନକ କାର୍ଯ୍ୟରେ ହୋଇଛନ୍ତି ନିୟୋଜିତ। ବେସରକାରୀ ସୂତ୍ରରୁ ଜଣାଯାଏ ଯେ, ଭାରତରେ ବର୍ତ୍ତମାନ ୭୩ ନିୟୁତ ଶିଶୁ, ଶ୍ରମିକ ହିସାବରେ ନିଜର ଜୀବିକା ଅର୍ଜନ କରୁଅଛନ୍ତି।

ସ୍ୱାଧୀନତା ପରେ, ଭାରତ ସରକାର ଶିଶୁ ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଆଇନ ପ୍ରଣୟନ କରାଯାଇଛି। ଭାରତୀୟ ସମ୍ବିଧାନର ଧାରା ୨୪ ଅନୁଯାୟୀ ୧୪ ବର୍ଷ ବୟସରୁ କମ୍ ଶିଶୁକୁ କୌଣସି କାର୍ଯ୍ୟରେ ଲଗାଇବା ନିଷେଧ ଅଟେ। ଏହି ଧାରା, ଆହୁରି ମଧ୍ୟ ସୂଚାଏ ଯେ, ଭାରତ ବର୍ଷ ସର୍ବଦା ତାର ଶିଶୁ ତଥା ଭାବି ନାଗରିକମାନଙ୍କ ସୁରକ୍ଷା ଓ ଯତ୍ନ ପାଇଁ ସଚେତନ। ତେଣୁ ଗୋତି ଶ୍ରମିକ ଭାବେ ବନ୍ଧକ ଥିବା ଶିଶୁମାନଙ୍କର ମୁକ୍ତି, ଶିଶୁମାନଙ୍କ ବଦଳରେ ଦିଆଯାଇଥିବା ଋଣର ଖାରଜ ଓ କୌଣସି ପ୍ରକାରର ନୂଆ ଚୁକ୍ତିକୁ ଏହି ଧାରା, ସଂପୂର୍ଣ୍ଣ ରୂପେ ବେଆଇନ ଘୋଷଣା କରେ। ବନ୍ଧକ ମୁକ୍ତ ଏହି ଶିଶୁ ଶ୍ରମିକ ମାନଙ୍କର ଉଚିତ୍ ଥଇଥାନ, ମାଗଣା ଶିକ୍ଷା ଓ ସମ୍ପୂର୍ଣ୍ଣ ସୁରକ୍ଷାର ସୁବନ୍ଦୋବସ୍ତ କରିବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ। ଭାରତର ସମ୍ବିଧାନ ଅନୁଯାୟୀ, ୬ ରୁ ୧୪ ବର୍ଷର ପ୍ରତ୍ୟେକ ଶିଶୁର ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ପାଇବାର ଅଧିକାର ରହିଛି। କିନ୍ତୁ ସମଗ୍ର ବିଶ୍ୱରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଭାରତବର୍ଷରେ ହିଁ ସର୍ବାଧିକ। କାରଣ, ସରାକରଙ୍କ ପ୍ରଚଳିତ ଏହି ନିୟମ ଗୁଡିକ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁ ନାହିଁ।

ଶିଶୁ ଶ୍ରମିକ ପ୍ରଥା ବିଲୁପ୍ତ ନ ହେବାର ଅନ୍ୟ ଏକ କାରଣ ହେଉଛି ନିରକ୍ଷରତା। ନିରକ୍ଷର ଓ ଦୁସ୍ଥ ପିତାମାତାଙ୍କ ପାଇଁ ସନ୍ତାନର ଶିକ୍ଷା ଅପେକ୍ଷା ସନ୍ତାନର ରୋଜଗାର ଅଧିକ ମହତ୍ତ୍ୱ ରଖେ। ଯେଉଁଥିପାଇଁ ସେମାନେ ଶିଶୁକୁ ବିଦ୍ୟାଳୟ ପଠାଇବା ହିଁ ସମୟର ଅପଚୟ ବୋଲି ମନେକରନ୍ତି। ଶିକ୍ଷା ଗ୍ରହଣ କରିବା ଅପେକ୍ଷା, କୌଳିକ ବୃତ୍ତିରେ ପାରଙ୍ଗମ ହେଲେ ପିଲାଟିର ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି ଆଶା କରି ସେମାନେ ପିଲାକୁ ନିଜସହ କାମକୁ ନେଇ ଯିବାକୁ ପସନ୍ଦ କରନ୍ତି। ତେଣୁ ବର୍ତ୍ତମାନ ୧୭.୭ ନିୟୁତ ଶିଶୁ, ଶିକ୍ଷା ତଥା

ବିଦ୍ୟାଳୟଠାରୁ ଯଥେଷ୍ଟ ଦୂରରେ। ବିଶେଷକରି, ଏହି କ୍ଷେତ୍ରରେ କନ୍ୟା ଶିଶୁ ମାନଙ୍କର ସ୍ଥିତି ଅଧିକ ଦୟନୀୟ ପୁଅ ମାନଙ୍କ ତୁଳନାରେ। ଗରିବ ପରିବାରଟିରେ ବାପା ଓ ମା ଉଭୟ ରୋଜଗାର କରିବା ପାଇଁ ଘରୁ ଗୋଡ କାଢି ଚାଲି ଯାଆନ୍ତି ସିନ୍ଦୁରା ଫିଟୁ ଫିଟୁ ଓ ଘରର ଯାବତୀୟ ଜଞ୍ଜାଳ ସହ ସାନ ଭାଇ ଭଉଣୀଙ୍କ ସମସ୍ତ ଦାୟୀତ୍ୱ ପଡେ ଘରର କନ୍ୟା ସନ୍ତାନଟି ଉପରେ। ସେଥିଯୋଗୁଁ ଅଧାରୁ ସ୍କୁଲ ଛାଡୁଥିବା ପିଲାମାନଙ୍କ ମଧ୍ୟରେ ୩୨% ବାଳକ ଥିଲାବେଳେ, ୪୦% ବାଳିକା ରହିଥାନ୍ତି। ତେଣୁ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା ଠିକ୍ ରୂପେ କାର୍ଯ୍ୟକାରୀ ହୋଇପାରୁନାହିଁ।

CLPRA (Child Labour Prohibition and Regulation Act, 1986) କହେ ଯେ, ଶିଶୁଟିଏ କୁ ଶ୍ରମିକ ହିସାବରେ କୌଣସି ବିପଦ୍‌ଜନକ କାର୍ଯ୍ୟରେ ନିୟୋଜିତ କରିବା ନିଷେଧ। ତେବେ ଏହି ନିୟମରେ ଏକ ବିରାଟ ତୃଟି ରହିଯାଇଥିବା ହେତୁ, ଏହି ନିୟମଟି କାର୍ଯ୍ୟକାରୀ ହୋଇପାରୁନାହିଁ। ଶିଶୁ ଶ୍ରମିକ ପରି ଏକ ଘୃଣ୍ୟ ପ୍ରଥାର ମୁଳୋତ୍ପାଟନ ନକରି ଏବଂ ବିପଦ୍‌ଜନକ କାର୍ଯ୍ୟର କୌଣସି ନିର୍ଦ୍ଦିଷ୍ଟ ବିବରଣୀ ପ୍ରଦାନ ନକରିଥିବା ହେତୁ, ନିୟମଟି କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ମାତ୍ର ୨୦୧୦ ଏପ୍ରିଲ ୧ ତାରିଖରେ ଭାରତ ସରକାର ଏହି ଶିଶୁ ଶ୍ରମିକ ଗୋଷ୍ଠୀଙ୍କୁ ଥଇଥାନ କରିବାର ଆଶାରଖି ଶିକ୍ଷା ଅଧିକାର ଆଇନ ପ୍ରଣୟନ କରି କୌଣସି ଧନ୍ଦାମୂଳକ ଶିକ୍ଷା ଦେବାର ବ୍ୟବସ୍ଥା କରିଥିଲେ। କିନ୍ତୁ ଏତେ ସବୁ ନୀତିନିୟମର ପ୍ରଚଳନ ପରେ ମଧ୍ୟ ଶିଶୁ ଶ୍ରମିକ ସମସ୍ୟାଟି ଭାରତ ବର୍ଷ ଭଳି ଏକ ବିକାଶଶୀଳ ଦେଶରେ କର୍କଟ ରୋଗ ସଦୃଶ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯେଉଁ ଅଳ୍ପ କେତେକ କ୍ଷେତ୍ରରେ ଶିଶୁ ଶ୍ରମିକଙ୍କ ଉନ୍ନତି କଳ୍ପେ କୌଣସି କାର୍ଯ୍ୟ କରାଯାଉଛି ତାର ସଂଖ୍ୟା ଏତେ ନଗଣ୍ୟ ଯେ, ତାହା ଦୃଷ୍ଟି ଗୋଚର ହୁଏନାହିଁ। ତେଣୁ ଏହି ସମସ୍ୟାଟି ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ପ୍ରତ୍ୟେକ କ୍ଷେତ୍ରରେ ଏକ ପ୍ରଶ୍ନବାଚୀ ହୋଇ ଛିଡା ହୋଇଛି। କେବଳ ଶିକ୍ଷା ଉପରେ ଧ୍ୟାନ କେନ୍ଦ୍ରିତ କରି ଅଥବା ଗୁଡିଏ ଆଇନ ପ୍ରଣୟନ ଦ୍ୱାରା ଏହାକୁ ସମୂଳେ ଧ୍ୱଂସ କରିବା ଏକାନ୍ତ ଅସମ୍ଭବ ଅଟେ। ସରକାରୀ କଳ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପ୍ରତ୍ୟେକଟି ପରିବାରର ସର୍ବନିମ୍ନ ଆବଶ୍ୟକତା ଗୁଡିକୁ ପୂରଣ କଲାପରେ ହିଁ, ଶିଶୁ ଶ୍ରମିକ ସମସ୍ୟା ବିଷୟରେ ପଦକ୍ଷପ ନେଲେ ତାହା କିଛିଟା ଫଳପ୍ରଦ ହେବ ବୋଲି ଆଶାକରାଯାଇ ପାରେ। ତେବେ ଭାରତର ବର୍ତ୍ତମାନର ସ୍ଥିତିକୁ ଦେଖି ଶିଶୁ ଶ୍ରମିକ ପ୍ରଥାକୁ ସମୂଳେ ନାଶ କରିବା ପାଇଁ ଜନସାଧାରଣ ଓ ପ୍ରଶାସନ, ସମସ୍ତଙ୍କର ମିଳିତ ପ୍ରଚେଷ୍ଟା ତଥା ସଚ୍ଚୋଟତାର ସହ ନିଜ କର୍ତ୍ତବ୍ୟନିଷ୍ଠା ଏକାନ୍ତ ପ୍ରୟୋଜନ ଅଟେ। ବିକାଶୋନ୍ମୁଖୀ ରାଷ୍ଟ୍ର ଭାରତବର୍ଷର ବିକାଶ ତଥା ଉନ୍ନତି ସମ୍ପୂର୍ଣ୍ଣ ରୂପେ ନିର୍ଭର କରେ ଏହାର ଶିଶୁ ଶ୍ରେଣୀ ଅବା ଭବିଷ୍ୟତ ବଂଶଧରଙ୍କ ଉପରେ। ଅଗାମୀ କାଲିର ଏହି ଭାରତୀୟ ମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ଉଭୟ ବାଧାପ୍ରାପ୍ତ ହେଉଛି। ଶିଶୁ ଶ୍ରମିକ ପରି ଏକ ଘୃଣ୍ୟ ତଥା ନିନ୍ଦନୀୟ ଗୋଷ୍ଠୀ ତିଆରି ହେବା ଫଳରେ, ଦାରିଦ୍ର୍ୟ ଦୂରହେବା ପରିବର୍ତ୍ତେ ପୁଣି ଏହାର ପରବର୍ତ୍ତୀ ପିଢୀ ଦାରିଦ୍ର୍ୟ ଭିତରେ ସଢିବା ପାଇଁ ନିଜକୁ ପ୍ରସ୍ତୁତ କରିସାରିଥାନ୍ତି।

ସରକାରୀ ଓ ବେସରକାରୀ ଉଭୟ ସ୍ତରରେ ମିଳିତ ଉଦ୍ୟମ ଫଳରେ ହିଁ ସମାଜରୁ ଶିଶୁ ଶ୍ରମିକ ପରି ଏକ ଅଭିଶପ୍ତ ଗୋଷ୍ଠୀ ଲୋପ ପାଇବ ବୋଲି ସମ୍ଭାବନା ଦିଶେ। ଏହାର ପ୍ରକୃତ କାରଣଟିକୁ ଚେର ସହ ସମୂଳେ ଧ୍ୱଂସ କରିଲେ ହିଁ ଏ ସଭ୍ୟସମାଜକୁ ଗ୍ରାସିଥିବା ଏହି ଗ୍ରହଣର ନିରାକରଣ ସମ୍ଭବପର ଅଟେ।

**୩ ଆର/୬, ବିଜେବି ନଗର, ଭୁବନେଶ୍ୱର**



ନିଜର ଭଲ କାମ ପାଇଁ ଅନ୍ୟର ମନ୍ତବ୍ୟ ଆଶା ରଖ ନାହିଁ। - ଲେନ୍ ବର୍ନ୍

# ଅଣଉଦିଆ ତାରା

ଅଜୟ ମହାନ୍ତି

ରୋଷେଇ ଘରେ ଅଟା ଚକଟୁ ଚକଟୁ କୁନି ଦେଖିଦିଏ ଝରକା ଫାଙ୍କର ସୁନାଥାଳି ପରି ଚାନ୍ଦଟିକୁ। ଆରେ ଆଜି ପରା କୁଆଁର ପୁନେଇଁ ! କଣ ମନେ ପଡୁନି ତା ବୋଉର ଓ ସାନ ସାନ ଭାଇ ଭଉଣି ମାନଙ୍କର। ରଜ ବେଳକୁ ଦୁଇ ଦିନ ପାଇଁ ଯାଇଥିଲି ଗାଁକୁ ବାପାଙ୍କୁ ଦେଖିବାକୁ। ଦେହ ପୁରା ଖରାପ ହେଇଥିଲା। ସାନ ବାବୁ ଓ ସାନ ମାଁଙ୍କ ସାଙ୍ଗରେ ଆସିଲା ବେଳକୁ କାନ୍ଦି କାନ୍ଦି ବୋଉ ବିଦାୟ ଦେଇଥିଲା ଗାଁ ମୁଣ୍ଡରୁ। ଆଉ ରାଣ ନିୟମ ପକେଇ କହିଥିଲା ମୋ ଧନଟା ପରା କାନ୍ଦେନା। କୁଆଁର ପୁନେଇଁ ଆସିଲେ ତତେ ନିଜେ ଯାଇ ନେଇଆସିବି ୭-୮ ଦିନ ପାଇଁ। ସାନ ମାଁଙ୍କୁ କହି ଦେଇ ବୋଉ ଯେମିତି ସବୁ ପାଇଟି ସାରିଦେଲା ମତେ ବିଦା କରିଦେଇ। ସେ କଣ ଜାଣିଛି ମୁଁ କେତେ ଦୁଃଖ କଷ୍ଟରେ ଅଛି ବୋଲି। ସବୁଦିନ ୪ଟା ବାଜିଲେ କଲୋନୀର ପିଲାମାନେ ଲୁଚିଲୁଚି ହାତଠାରି ଡାକନ୍ତି ଖେଳିବାକୁ। ଯେମିତି ପୁଚିଖେଳ, ବୋହୁଚୋରି, ଲୁଚକାଳି, ଡାଳମାଙ୍କୁଡି ଇତ୍ୟାଦି। କିନ୍ତୁ ସାନ ମାଆଙ୍କ ଆଖି ଆଗରେ ବାହାରକୁ ଯାଇ ଖେଳିବା ଅସମ୍ଭବ। ସାନ ମାଆଙ୍କ ନାଲି ଆଖି ଓ ବେଲଣା କାଠି ମାଡ ଭିତରେ ଲୁଚିଯାଏ ସବୁ ସୁଖ କୁଆଁର ପୁନେଇଁ ଜହ୍ନ ପରି। ସାନ ମାଆଙ୍କୁ ଖୁସିରେ ଦୌଡି ଯାଇ କହିଲା କୁନି, 'ସାନ ମା, ସାନ ମା, ଆଜି ପରା କୁଆଁର ପୁନେଇଁ ?' ସାଙ୍ଗେ ସାଙ୍ଗେ ମୁହଁକୁ ମୋଡି ନାକ ଛିଞ୍ଚାଡି କହିଲେ, 'ପୋଡିଯାଉ ତୋ କୁଆଁର ପୁନେଇଁ। ତୋ ବୋଉ ତତେ ବିକିଚି ପର ଘରେ କାମ କରିବା ପାଇଁ ନା କୁଆଁର ପୁନେଇଁ ଗୀତ ଗାଇବା ପାଇଁ ? ଯା ଯା ରୋଷେଇ ଘରେ ରୁଟି ତରକାରି କର। ମୁଁ ଟିକେ ସାମିକୁ ନେଇ ପଡିଶା ଘରୁ ବୁଲି ଆସେ।'

ସାନ ମା ଓ ସାମି ମୁଣ୍ଡରେ ଚନ୍ଦନ ଲଗେଇ ପାଦରେ ଅଳତା ଲଗେଇ କୁଆଡେ ବାହାରି ଗଲେ ସତେ ଯେମିତି ଲୁଚି ଲୁଚି କୁଆଁର ପୁନେଇଁ ପାଳିବାକୁ। ସେମାନେ ଗଲା ପରେ ରୋଷେଇ ଘର ପାଖ ଝରକା ପାଖରେ ଠିଆ ହୋଇ ବହେ କାନ୍ଦିଲା କୁନି। ଗାଁ କଥା, ବାପା ବୋଉ, କୁନିକୁନି ଭାଇଭଉଣି, ସାହି ପଡିଶା ଓ ସାଙ୍ଗସାଥି କଥା ମନେ ପକାଇ। ଏ କୁଆଁର ପୁନେଇଁ ଆସିବା ମାସକ ଆଗରୁ ସେମାନଙ୍କ ପାଦତଳେ ଲାଗୁନଥିଲା। ନିଜ ବାଡିରୁ ଜହ୍ନିଫୁଲ, କାକୁଡି ଫୁଲ ତୋଳି ସାଙ୍ଗମାନେ ସାଥି ହୋଇ ପିଢାରେ ଫୁଲ ପକେଇବା, ପୋଖରୀରେ ଚାଙ୍ଗୁଡି ଧୋଇବା ଦୃଶ୍ୟ ଏମିତି କେତେ କ'ଣ ଦୃଶ୍ୟ ଭାସି ଯାଉଥିଲା ତା ଆଖି ଆଗରେ ଭସା ମେଘ ବାଦଲ ପରି। ବାଦଲ ସିନା ଭାସିଯାଏ ହେଲେ କୋଉଠି ବରଷି ପାରେନା। ଚାତକ ପରି ଚାହିଁ ରହିଛି କୁନି କେବେ ଫେରିବ ମୋ ପୁରୁଣା ଜୀବନ ? ସତରେ କଣ ମୁଁ ଆଜି ବନ୍ଧନ ? ଗାଁ କୁ ଯାଇ ସାଙ୍ଗସାଥିଙ୍କ ଗହଳରେ ପୂଜା ପରବ ପାଳିବା ଆଜି କଣ ସାତ ସପନ ? ଧିକ୍ ମୋ ଜୀବନ। ଭଗବାନ ମତେ ହେଲେ ମାରି ଦେଇଥାନ୍ତେ ଜନ୍ମ ହବା ଆଗରୁ। ଏ ସୁଖ ଦୁନିଆରେ ମୋ ଭଳି କେତେ ଦୁଃଖିନି ବଞ୍ଚି ରହି ସୁଦ୍ଧା ମରି ଯାଆନ୍ତି ସମୟର କାଳ ଚକ୍ରରେ। ଏ କଥା ଭାବିଲା ବେଳକୁ ଧିରେ ଧିରେ କୁଆଁର ପୁନେଇଁ ଜହ୍ନ ବୁଡି ଯାଉଥାଏ ତଳକୁ ତଳକୁ ଝରକାର ଫାଙ୍କରେ। କୁନି ସେମିତି ଚାହିଁ ରହିଥାଏ ନିର୍ବାକ ହୋଇ, ଆଉ ଥରେ କୁଆଁର ପୁନେଇଁ ଆସନ୍ତାନି......। ଅନ୍ଧାର ଭିତରୁ ଡାକ ଶୁଭିଲା, 'କିଲୋ କୁନି, ପୋଡାମୁହିଁ ରୋଷେଇ ସାରିଚୁ ନା ନାହିଁ ?'' ଲୁଗାରେ ଆଖି ଲୁହ ପୋଛୁ ପୋଛୁ ପ୍ରକୃତିସ୍ଥ ହୋଇଗଲା କୁନି ଓ ରୋଷେଇ କରିବା ଆରମ୍ଭ କଲା।

ପ୍ଲଟ ନଂ-୧୬୭୨, ବଡଗଡ କେନାଲ ରୋଡ,
ଭୁବନେଶ୍ୱର-୭୫୧୦୧୪

# ଶିଶୁ ଶ୍ରମିକ ପ୍ରଥା

ଯୋଗେନ୍ଦ୍ର କୁମାର ନାୟକ

ଆଜିର ଶିଶୁ ଆସନ୍ତା କାଲିର ଭାରତ ବର୍ଷର ଉଜ୍ଜ୍ୱଳତମ ନକ୍ଷତ୍ର। ଏକ ସୁସ୍ଥ, ସରସ, ସୁନ୍ଦର ସୁସଂଗଠିତ ତଥା ବଳିଷ୍ଠ ମାନବ ସମାଜ ଗଠନ ନିମିତ୍ତ ତାର ଭିତ୍ତିଭୂମି ସୁଦୃଢ ହେବା ଅତ୍ୟନ୍ତ ଆବଶ୍ୟକ। ଏକକୀୟ ମୂଲ୍ୟବୋଧକୁ ହୃଦୟଙ୍ଗମ କଲେ ପ୍ରତ୍ୟେକ ବ୍ୟକ୍ତିର ଭୂମିକା ସମାଜ ଗଠନ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉତ୍ତମ ବ୍ୟକ୍ତିତ୍ୱ ପାଇବାକୁ ହେଲେ ମାନବ ଶିଶୁର ସାମଗ୍ରିକ ବିକାଶ ଅତ୍ୟନ୍ତ ଜରୁରୀ। ଶିଶୁଟିଏ ଜନ୍ମ ହେବା କ୍ଷଣି ତାର ଆତ୍ମୀୟ ସ୍ୱଦନ ଆଦି ଆଲୋକିତ ହୋଇଥାନ୍ତି। ଅନେକ ଆଶା ଆକାଂକ୍ଷା ନେଇ ସବୁ ସ୍ନେହ ଆଦର ଶିଶୁ ଉପରେ ଅଜାଡ଼ି ହୋଇପଡ଼େ। ସମସ୍ତ ପାରିପାର୍ଶ୍ୱିକ ସମ୍ଭାବନାରେ ପର ଲାଗିଯାଏ। କେତେ ଖୁସି, କେତେ ଆନନ୍ଦ ବିଭୋର ମୁହୂର୍ତ୍ତ ଶିଶୁଟିକୁ ଯତ୍ନଶୀଳ କରିବାକୁ ପ୍ରୋତ୍ସାହିତ କରିଥାଏ। କିନ୍ତୁ ବିଡ଼ମ୍ବନାର ବିଷୟ ଏହି କି ଯେ ଅନେକ କ୍ଷେତ୍ରରେ କେତେକ ଅବାଞ୍ଛିତ କାରଣ ବଶତଃ ପ୍ରାରମ୍ଭିକ ପର୍ଯ୍ୟାୟରେ ଆପଣା ପରିବାର ଓ ପ୍ରିୟଜନଙ୍କ ଠାରେ ତା ଶିଶୁପଣ ହରାଇ ବସେ। ଅନେକ କ୍ଷେତ୍ରରେ ଅସ୍ୱାଭାବିକ ଦାରିଦ୍ର୍ୟ, ଗୃହକର୍ତ୍ତାଙ୍କ ନିଶାଖୋର ହେବାର ପ୍ରବଣତା, ପିତାମାତାଙ୍କ ମଧ୍ୟରେ ଉପୁଜିଥିବା ପାର୍ଥିବ ମତ ପାର୍ଥକ୍ୟ, ଦ୍ୱେଷ ଓ କଳହ ଏବଂ ପରିଶେଷରେ ଛାଡ଼ପତ୍ର, ଖାଦ୍ୟାଭାବ ଜନିତ ପୁଷ୍ଟିହିନତା, ପରିବାରରେ ଶିକ୍ଷାଦିକ୍ଷାର ଅଭାବ ଆଦି କୋମଳ ମତି ଶିଶୁର ଭାଗ୍ୟ ଉପରେ ବ୍ୟାଧି ହୋଇ ଅଜାଡ଼ି ହେଇ ପଡ଼େ। ଶିଶୁର ଯେଉଁ ଅବସ୍ଥାରେ ଯତ୍ନ ଲୋଡ଼ା ହୁଏ ତାର ଶାରୀରିକ ତଥା ମାନସିକ ବିକାଶର ଅଭିବୃଦ୍ଧି ନିମିତ୍ତ ଠିକ୍ ସେଇ ଅବସ୍ଥାରେ ତାର ମୁଣ୍ଡ ଉପରେ ଲଦି ଦିଆଯାଏ ଦାରୁଣ କର୍ମର ବୋଝ। ବଦଳି ଯାଏ ଗୋଟିଏ କୋମଳ ମତି ଶିଶୁର ରୂପରେଖ। ପିତୃମାତୃ ହରା ଶିଶୁ ହେଉ ଅଥବା ବାପାମାଆ ଜିଇ ଥାଆନ୍ତୁ ସମାଜର ବଡ଼ପଣ୍ଡାଙ୍କ ଆଖି ଆଗରେ ସେ ବନି ଯାଏ ଶିଶୁ ଶ୍ରମିକ।ବିଦ୍ୟାଳୟ ଯିବା ପରିବର୍ତ୍ତେ ସେ ଆଦରି ନିଏ ଧୂଳିଧୂଆଁର ସାମ୍ରାଜ୍ୟ, ଖରା ବର୍ଷା ଶୀତ ଓ କାକରର ନିର୍ଯ୍ୟାତିତ ମୁହୂର୍ତ୍ତ। ଧୂଳିଖେଳ, ସାଥିମେଳ ଛାଡ଼ି ମୁଣ୍ଡ ଉପରେ ଥୋଇଥାଏ ଭାରାକ୍ରାନ୍ତ ପରିବାରର ଦାୟୀତ୍ୱ। ଏହାଠାରୁ ବଳି ଦୁଃଖ, ପରିତାପ ଓ ଲଜ୍ଜାଜନକ ସାମ୍ପ୍ରତିକ ସମାଜର ଅବସ୍ଥା ମାନବବାଦପ୍ରତି ଘୋର ଅପମାନ ବୋଧ ହେବା ସଂଗେ ସଂଗେ ମାନବ ଧର୍ମର ପରିପନ୍ଥୀ ଯାହା ସମଗ୍ର ମାନବ ସମାଜକୁ ଅପବାଦର ଅଭିଶାପ ଦେଇ ନିମ୍ନମୁଖି କରାଇଥାଏ।

ଏହା ଅତ୍ୟନ୍ତ ଦୁଃଖ ଓ ଅବସୋସର ବିଷୟ ଯେ ସମଗ୍ର ପୃଥିବୀରେ ଭାରତବର୍ଷ ମଧ୍ୟରେ ଶିଶୁ ଶ୍ରମିକ ବା ବାଳ ଶ୍ରମିକଙ୍କର ସଂଖ୍ୟା ସର୍ବାଧିକ ଏବଂ ଅନିୟନ୍ତ୍ରିତ। ସମୟାନୁକ୍ରମେ ଏହି ଶିଶୁ ଶ୍ରମିକଙ୍କର ସଂଖ୍ୟା ବୃଦ୍ଧି ହେବା ସଂଗେ ସଂଗେ ଦେଶର ସ୍ୱାଭିମାନ, ମୌଳିକତା, ମାନବୀୟ ମୂଲ୍ୟବୋଧ, ସାମାଜିକ ସୁରକ୍ଷା ଓ ସମ୍ମାନ ପ୍ରତି କୁଠାର ଘାତ କରି ଆସିଛି। ଦେଶ ସ୍ୱାଧିନ ହେବାର ଅଣସ୍ତରିଟି ବସନ୍ତ ବିତି ଯାଇଥିଲେ ହେଁ ପ୍ରକୃତ ମାନବୀୟ ବସନ୍ତର ଅନୁପ୍ରବେଶରୁ ଆମ ଦେଶ ଏଯାବତ୍ ବଞ୍ଚିତ ରହି ଆସିଛି। ଗଠନଶୀଳ ଶିଶୁମାନଙ୍କ ଚଲାପଥ ତଳେ ଫୁଲ ବଦଳରେ କଣ୍ଟା ପରି ଦିଆଯାଇଛି। ବହି ବସ୍ତାନି ବଦଳରେ କାନ୍ଧରେ ତାଙ୍କର ପୋଡ଼ା ଇଟାର ବୋଝ, ହାତରେ ଅଇଁଠା ବାସନ ଏବଂ ଆବଶ୍ୟକ ସ୍ଥଳେ ପିଠିରେ ଚାବୁକ୍‌ର ଛାଟ। ବିଭିନ୍ନ କ୍ଷେତ୍ର ତଥା ଚାଷ କାମ, ପଥର କଟା, ସିଲେଇ, ହୋଟେଲ, ଚା ଜଳଖିଆ, ଦୋକାନ, ଇଟାଭାଟି ଏବଂ ଅନ୍ୟାନ୍ୟ ଘରୋଇ ଚାକର କାର୍ଯ୍ୟରେ ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଯାଇ ଶିଶୁ ଶ୍ରମିକ ସୃଷ୍ଟି କରାଯାଉଛି। ବିଭିନ୍ନ ନିଶା ଦ୍ରବ୍ୟର ବହୁଳ ବେଆଇନ କାରବାର, ଯୌନ ଅତ୍ୟାଚାର ପରି ଅସାମାଜିକ କାର୍ଯ୍ୟକୁ ଠେଲିଦେବା, ଭିକ୍ଷାବୃତ୍ତି ପରି ହୀନ କାର୍ଯ୍ୟରେ ନିୟୋଜିତ କରିବା ଏବଂ ବିଭିନ୍ନ ଅପରାଧ ମୂଳକ କାର୍ଯ୍ୟକୁ ବାଧ୍ୟତାମୂଳକ ଭାବେ ପ୍ରବେଶ କରାଇ ଅନେକ ଅପରାଧି ସୃଷ୍ଟି କରିବା ଭଳି ଜଘନ୍ୟ କାର୍ଯ୍ୟ ଏଇ ସମାଜରେ ହୋଇ ଆସୁଛି ଏବଂ ସାମାଜିକ ପରିବେଶକୁ ପ୍ରଦୂଷିତ କରି ଆସିଛି। ଆମ ଦେଶର ଆନ୍ଧ୍ର, ଓଡିଶା. କର୍ଣ୍ଣାଟକ, ମହାରାଷ୍ଟ୍ର, ଗୁଜୁରାଟ, ରାଜସ୍ଥାନ ଓ ଆସାମ ଆଦି ରାଜ୍ୟରେ ଏହି ଶିଶୁ ଶ୍ରମିକ ମାନଙ୍କ ସଂଖ୍ୟା ମାତ୍ରାଧିକ ଦେଖାଯାଏ।



ସାରା ପୃଥିବୀରେ ଏମିତି କେହି ଜଣେ ଦୁଃସାହସୀ ନାହାନ୍ତି ଯିଏକି କୌଣସି ଅପ୍ରତ୍ୟାଶିତ କାରଣକୁ ନେଇ ଚିନ୍ତିତ ନ ହୋଇଛି। - ଜୁଲିଅସ୍ ସିଜସ୍

ମୁଖ୍ୟତଃ ଦାରିଦ୍ର୍ୟ, ଶିକ୍ଷା ଓ ସାମାଜିକ ନିରାପତ୍ତାର ଅଭାବ ଶିଶୁ ଶ୍ରମିକ ମାନଙ୍କ ପ୍ରଥାର ଚରମ କାରଣ। ପ୍ରାଗ୍ ଐତିହାସିକ ଯୁଗରୁ ଏହି ସଂଘଟଣର ବିରୋଧ କରାଯାଇ ଆସୁଥିଲେ ହେଁ କୌଣସି ବିଧିବଦ୍ଧ ଭାବେ ଏହାକୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ନ ଥିଲା। ସେଇ ହେତୁରୁ ସମଗ୍ର ମାନବ ସମାଜରେ ଏହି ପ୍ରଥା ଅଶିକ୍ଷିତ ଏବଂ ଦରିଦ୍ର ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ପ୍ରବଣତା ହେଇ ବୃଦ୍ଧି ପାଇବାରେ ଲାଗିଲା। ଧନୀ ଦରିଦ୍ର ମଧ୍ୟରେ ଦିନୁଦିନ ବଢୁଥିବା ଅର୍ଥନୈତିକ ପ୍ରଭେଦଓ ପାର୍ଥକ୍ୟ, ଦେଶର ଅର୍ଥନୀତିରେ ଛିଦ୍ର ଥିବା ଯୋଗୁଁ ଅସ୍ୱାଭାବିକ ଏବଂ ଅନିୟନ୍ତ୍ରିତ ଅର୍ଥନୀତିର ସାମାଜିକ ବିଘ୍ନାତ, ସୁସଂଗଠିତ ଅର୍ଥନୈତିକ ଯୋଜନାର ଅଭାବ ଜନିତ ଦାରୁଣ ସଂକଟ, ସ୍ୱୈରାଚାରୀ ତଥା ରାଜନୀତି ପ୍ରବଣ ଅନୁଶାସନ, ସ୍ୱେଚ୍ଛାଚାର ଭିତ୍ତିକ ଅର୍ଥନୀତି ପ୍ରଣୟନ ଆଦି ଶିଶୁମାନଙ୍କର ଜୀବନ ଧାରଣ ଉପରେ ପରୋକ୍ଷ ହେଉ ଅବା ପ୍ରତ୍ୟକ୍ଷରେ ପ୍ରଭାବଶାଳୀ ହୋଇ ଆସିଛି। ଦେଶ ମଧ୍ୟରେ ବହୁ ରାଷ୍ଟ୍ରୀୟ କଂପାନି ମାନଙ୍କର ଅନୁପ୍ରବେଶ ବିଭିନ୍ନ ଅତ୍ୟାଧୁନିକ ଶିଳ୍ପର ଅଭିବୃଦ୍ଧି ଓ ପ୍ରସାର ଘଟାଇ ଥାଇପାରେ ମାତ୍ର ଆମ ଦେଶ ଓ ରାଜ୍ୟରୁ କେବଳ ତଳଶ୍ରେଣୀର କର୍ମଚାରୀ ମାନଙ୍କୁ ନିୟୋଜିତ କରାଯାଇ ଜମି ବଦଳରେ ଅନେକ ଶାରୀରିକ ଶ୍ରମ ଯୋଗାଉଥିବା ଶ୍ରମିକ ସୃଷ୍ଟି କରାଯାଇଛି। ଏହି ଶ୍ରମିକମାନଙ୍କର ଯଥେଷ୍ଟ ସଂଖ୍ୟାରେ ଆବଶ୍ୟକତା ଥିବା ସ୍ଥଳେ ଅଭାବି ପରିସ୍ଥିତି ସୃଷ୍ଟି କରାଯାଇ ଶିଶୁ ଶ୍ରମିକ ନିୟୋଜନକୁ ପ୍ରୋତ୍ସାହିତ କରାଯାଇଛି। ପ୍ରଚଳିତ ଦୁର୍ବଳ ଶିକ୍ଷାନୀତି ଏବଂ ତ୍ରୁଟିଯୁକ୍ତ ଶିକ୍ଷାପଦ୍ଧତି ଯୋଗୁଁ ଶିକ୍ଷାର ସୁଫଳ ପ୍ରାପ୍ତିକୁ ଉପେକ୍ଷା କରାଯାଇ ଗରିବ ଜନସାଧାରଣଙ୍କ ଅବହେଳିତ ଶିଶୁମାନଙ୍କୁ ଅର୍ଥ ଉପାର୍ଜନ ଦିଗରେ ନିୟୋଜିତ ପୂର୍ବକ ଦେଶର ଅର୍ଥନୈତିକ ତଥା ପ୍ରଶାସନିକ ମାନଦଣ୍ଡକୁ କ୍ଷୁର୍ଣ୍ଣ କରାଯାଇଛି। ଲକ୍ଷାଧିକ ଶିଶୁ ଦାରିଦ୍ର୍ୟ ଏବଂ ପ୍ରବଚଂନାର ଶିକାର ହୋଇ ଶିକ୍ଷାଦାନ ଭଳି ସମୃଦ୍ଧି ଭିତ୍ତିକ ସୁବିଧାରୁ ବଂଚିତ ରହି ଅଶିକ୍ଷିତ ରହି ଅଜ୍ଞାନତାର ଅଂଧାରି ଗୁହା ମଧ୍ୟକୁ ନିକ୍ଷେପିତ ହୋଇଥାନ୍ତି। ଶିଶୁଟିଏ ପରିସ୍ଥିତି, ପରିବେଶ ଓ ଅବସ୍ଥାର ବଶବର୍ତ୍ତି ହୋଇ ଶିଶୁ ଶ୍ରମିକ ଅଥବା କ୍ରୀତଦାସ ହେବାର ରାସ୍ତାକୁ ଆପଣେଇ ନେଇଥାଏ।

ଦେଶର ଅର୍ଥନୀତି ଯେତେବେଳେ ସୁଦୃଢ ହୁଏ ସେତେବେଳେ ଜନସାଧାରଣ, ସାମାଜିକ କର୍ମୀ, ଶାସନ କର୍ତ୍ତା ଓ ରାଜନେତା ଏହି ଶିଶୁ ଶ୍ରମିକ ସମସ୍ୟା ପ୍ରତି ସଚେତନ ହୋଇ ଉଠନ୍ତି। ଭାରତ ବର୍ଷରେ ଶିଶୁ ଶ୍ରମିକ ପ୍ରଥାକୁ ସରକାର ଗୁରୁତର ଦୃଷ୍ଟିରୁ ନେଇ ୧୯୮୦ ଦଶକର ଶେଷଭାଗକୁ ଦେଶରେ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଗଠନ କରିଥିଲେ। ଏହି ପ୍ରକଳ୍ପର ସହାୟତା ଲାଗି ଅନେକ ବିତ୍ତଶାଳୀ ବ୍ୟକ୍ତି, ବୃହତ୍ ଶିଳ୍ପାନୁଷ୍ଠାନ ଏବଂ ସ୍ୱୟଂସେବକ ଗୋଷ୍ଠି ସହଯୋଗର ହାତ ବଢାଇଛନ୍ତି।ତଥାପି ଏହି କ୍ଷତି ସଂପନ୍ନ ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ଓ ତତ୍‌ଜନିତ ଉଜୁଡ଼ି ଯାଇଥିବା ଅନେକ ଦିଶାହୀନ ଶୈଶବର ଉଦ୍ଧାର ଓ ଅବସ୍ଥାପନ ନିମିତ୍ତ କେନ୍ଦ୍ର ଓ ରାଜ୍ୟ ସରକାର ଯେତେ ଆଇନ ପ୍ରଣୟନ କରିଛନ୍ତି ତାହା ଠିକ୍ ଭାବରେ କାର୍ଯ୍ୟକାରୀ କରା ନ ଯିବାରୁ ଫଳପ୍ରଦହୋଇ ପାରିନାହଁ। ଯଦିଓ ଦେଶରେ ଶିଶୁ ଶ୍ରମିକ (ନିରୋଧ ଓ ନିୟନ୍ତ୍ରଣ) ଆଇନ, ୧୯୮୯ ଦୃଢ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷପ ନିଆଯାଇଛି ଏବଂ ଏଥିପାଇଁ ଜିଲ୍ଲାସ୍ତରରେ ଟାକ୍ସଫୋର୍ସ ଗଠନ କରାଯାଇ ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ କରାଯାଉଛି ଏବଂ ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ମାନଙ୍କରେ ଚଢଉ କରାଯାଇ ଶିଶୁ ଶ୍ରମିକ ଉଦ୍ଧାର ଏବଂ ସେମାନଙ୍କୁ ଥଇଥାନ କରିବାର ବନ୍ଦୋବସ୍ତ କରାଯାଉଛି ତଥାପି ଜନ ସଚେତନାର ଅଭାବ ଓ ପ୍ରଶାସନିକ ଦୁର୍ବଳତା ଯୋଗୁଁ ଏହି ଆଇନ୍ ଯେତେ ଦୂର ଫଳପ୍ରଦହେବା କଥା ତାହା ହୋଇପାରୁ ନାହିଁ।

ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷଙ୍କ ଘରୋଇ କ୍ଷେତ୍ରରେ ଶିଶୁ ଶ୍ରମିକ ନିୟୋଜନକୁ କେନ୍ଦ୍ର ସରକାର ଅସିଦ୍ଧ ଘୋଷଣା କରିଛନ୍ତି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅନେକ ଶିଶୁଙ୍କୁ ଘରୋଇ କାର୍ଯ୍ୟରେ ନିୟୋଜିତ

କରାଯାଉଅଛି । କେତେକ ମୁଖ୍ୟ କାରଣ କୋମଳ ମତି ଶିଶୁଙ୍କୁ ଶାରୀରିକ ଶ୍ରମ ଆଡ଼କୁ ଠେଲିଦିଏ । ଶିଳ୍ପ ସଂସ୍ଥା ମାନଙ୍କୁ ପ୍ରୋତ୍ସାହନ ଦେଇ ଗରୀବ ମାନଙ୍କୁ ଭିଟାମାଟିରୁ ବିସ୍ଥାପନ, ପିତା ମାତାଙ୍କର ଚାକିରୀ ହରାଇବା, ଅକାଳରେ ପିତୃମାତୃ ବିୟୋଗ, କୃଷକ ଆତ୍ମହତ୍ୟା ଆଦି ଦାରିଦ୍ର୍ୟାଭିମୁଖୀ ଅବସ୍ଥା ଶିଶୁମାନଙ୍କୁ ଶିକ୍ଷାପ୍ରାପ୍ତିରୁ ନିବୃତ କରାଇବା ସହ ସେମାନଙ୍କୁ ଶିଶୁ ଶ୍ରମିକ ହେବାକୁ ବାଧ କରାଇଥାଏ । କେତେକ ସ୍ଥଳରେ ଶିଶୁମାନଙ୍କୁ ନିର୍ଦ୍ଦୟ ଭାବରେ ଶ୍ରମପାଇଁ ବାଧ କରାଯାଏ । ପାଞ୍ଚ ବର୍ଷରୁ ଚଉଦବର୍ଷର ଶିଶୁମାନଙ୍କୁ ଶ୍ରମପାଇଁ ବାଧ କରାଯାଇ ସେମାନଙ୍କୁ ମଣିଷ ହେବାର ତଥା ମଣିଷ ପରି ମଣିଷ ହୋଇ ବଂଚିବାର ଅଧିକାର ତାଙ୍କ ଆଗୋଚରରେ ଛଡ଼ାଇ ନିଆଯାଇଥାଏ । ଅବୋଧ ଶିଶୁ ସେ ବା କ'ଣ ବୁଝିଥାଏ । ଜୀବନ ବିକଳରେ ସମସ୍ତ ଦୁଃଖ ଓ ଦୁର୍ଦ୍ଦିନର ବେଢିକୁ ସେ ଫୁଲମାଳ ଭାବି ଗଳାରେ ଲମ୍ବାଇ ଆଗେଇ ଚାଲେ । ଶୈଶବ ଏକ ଏମିତି ଅବସ୍ଥା ଯେଉଁଥିରେ ଶିଶୁଟିଏ କୈଣସି କାର୍ଯ୍ୟ କରିବାକୁ ନିଷ୍ପତି ନେବାର ସ୍ୱତନ୍ତ୍ରତା ତା ପାଖରେ ନ ଥାଏ । ଯେତେବେଳେ ତା ପାଖରେ ଅନ୍ୟ କୌଣସି ପନ୍ଥା ନ ଥାଏ ସେତେବେଳେ ସେ ପାରିପାର୍ଶ୍ୱିକ ପରିସ୍ଥିତି ଓ ଆପଣା ପରିବେଶ ତଥା ଦୁରାବସ୍ଥାର ବଶବର୍ତ୍ତି ହୋଇ ଶିଶୁ ଶ୍ରମିକଟିଏ ହେବାକୁ ବାଧ ହୋଇଥାଏ ।

ଶିଶୁ ଶ୍ରମିକ ହେବାରୁ କନ୍ୟା ଶିଶୁମାନେ ବାଦ୍ ପଡି ନଥାନ୍ତି । ପୁତ୍ର ଶିଶୁ ଅପେକ୍ଷା କନ୍ୟା ଶିଶୁମାନେ ଏହି ପ୍ରଥାରେ ଅଧିକ ନିର୍ଯ୍ୟାତିତ ହୋଇଥାନ୍ତି । ଅନେକ ପିତାମାତା ସାମାଜିକ ଅନ୍ଧ ବିଶ୍ୱାସର ବଶବର୍ତ୍ତି ହୋଇ କନ୍ୟାଶିଶୁ ପ୍ରତି ଅହେତୁକ ଅବହେଳା କରିଥାନ୍ତି । ସେମାନଙ୍କୁ ଶିକ୍ଷାଦାନରୁ ବଂଚିତ କରାଇ ଗୃହକାର୍ଯ୍ୟରେ ନିୟୋଜିତ କରିଥାନ୍ତି । ଅଶିକ୍ଷିତ ପିତାମାତା ଆପଣାର ଶିଶୁକୁ ଶ୍ରମିକ ଭାବରେ ଦେଖିବାକୁ ତିଳେହେଲେ କୁଣ୍ଠାବୋଧ କରନ୍ତି ନାହିଁ । ନିଶା ସେବନ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ନିଶାସକ୍ତ ବାପା ଆପଣାର ନିଶପାନ ଲାଗି ନିଜ ଜନ୍ମିତ ଶିଶୁକୁ ଅନ୍ୟ ହାତରେ ବଂଧକ ସୂତ୍ରରେ କ୍ରୀତଦାସ ହେବାଲାଗି ସମର୍ପି ଦେଇଥାଏ । ସାରା ଦେଶରେ ଅଳ୍ପ ସଚେତନାର ଅଭାବ ସମାଜର ଏଇ ଘୃଣ୍ୟ ପ୍ରଥାକୁ ପ୍ରଶୟ ଦେଇ ଦେଶକୁ ନିମ୍ନମୁଖି କରାଇଛି । ନାରୀ ସ୍ୱାଧିନତା ଏବଂ ନାରୀ ମାନଙ୍କର ସର୍ବ ଦିଗରେ ଉନ୍ନତି ସାଧନର ଡିଣ୍ଡିମ ପିଟା ଯାଉଥିବା ବେଳେ କନ୍ୟାଶିଶୁକୁ ଶିଶୁ ଶ୍ରମିକ କରାଇବା ଏକ ଅପରାଧ ବୋଲି ସମାଜରେ ଗ୍ରହଣ କରା ନ ଯିବା ଦୁଃଖ ଓ ପରିତାପର ବିଷୟ । ତଥାପି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଶିଶୁ ଶ୍ରମିକ ପ୍ରଥାକୁ ରାଜ୍ୟ ମାନଙ୍କରୁ ମୂଳୋତ୍ପାଟନ କରିବା ଲାଗି ସଦା ସର୍ବଦା ଉଦ୍ୟମ କରି ଆସିଛନ୍ତି । ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଆମ ରାଜ୍ୟ ଓଡ଼ିଶାର ୨୪ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବା ସଂଗେ ସଂଗେ ଅନେକ ଶିଶୁ ଶ୍ରମିକଙ୍କୁ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ବେଆଇନ ନିଯୁକ୍ତି ମଧ୍ୟରୁ ଉଦ୍ଧାର କରି ସେମାନଙ୍କୁ ଶିକ୍ଷାଦାନ ପୂର୍ବକ ଥଇଥାନ କରାଯାଇ ପାରିଛି । ଏହା ଶିଶୁମାନଙ୍କ ଲାଗି ରାଜ୍ୟରେ ସ୍ୱତନ୍ତ୍ର ସ୍କୁଲ କରାଯାଇ ସେମାନଙ୍କର ଶିକ୍ଷାଦାନର ବ୍ୟବସ୍ଥା କାରଯାଉଛି । ସମଗ୍ର ରାଜ୍ୟରେ ଥିବା ଆଦିବାସୀ ଓ ହରିଜନ ଶିଶୁମାନଙ୍କ ପାଇଁ କେତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶିକ୍ଷାଦାନରେ ହାତ ବଢାଇଛନ୍ତି । କେନ୍ଦ୍ର ସରକାର ଆଗାମୀ ଯୋଜନାରେ ଏହି ଶିଶୁ ଶ୍ରମିକମାନଙ୍କ ଲାଗି ସ୍ୱତନ୍ତ୍ର ତାଲିମ କେନ୍ଦ୍ରମାନ ଖୋଲିବା ପାଇଁ ମନସ୍ଥ କରିଛନ୍ତି । ଏମାନଙ୍କର ବିଭିନ୍ନ ଧରଣର ସହାୟତା ଲାଗି ଶ୍ରମିକ ସହାୟତା ହେଲ୍ପ ଲାଇନରେ ଟୋଲ ଫ୍ରି ନଂ ୧୫୫୩୯୮ର ବ୍ୟବସ୍ଥା କରାଯାଇଅଛି । ଯାହା ସମସ୍ତ ଜନ ସାଧାରଣ ଏହାର ସୁଯୋଗ ନେଇ ପାରିବେ ।

ସମଗ୍ର ରାଜ୍ୟ ତଥା ଦେଶବାସୀଙ୍କୁ ଏଇ ଅସହାୟ ଶିଶୁ ଶ୍ରମିକ ମାନଙ୍କ ପ୍ରତି ଦୟାଶୀଳ ଭାବ ପଦର୍ଶନ ପୂର୍ବକ ସଚେତନ ହେବାର ଆବଶ୍ୟକତା ରହିଛି । ସମସ୍ତ ବ୍ୟକ୍ତି ବିଶେଷ ଶିଶୁମାନଙ୍କ ପ୍ରତି କନ୍ୟା ହେଉ ବା ଶିଶୁପୁତ୍ର ହେଉ ଯତ୍ନବାନ ହେବାର ଆବଶକତା ରହିଛି । ଶିଶୁ ଶ୍ରମିକ ପ୍ରଥାରେ ଲୁଚିଥିବା ପ୍ରବଣତାକୁ ମନ ଭିତରୁ ହଟାଇ ଏକ ପ୍ରଜ୍ଞାଦୀପ୍ତ ଭାରତ ବର୍ଷ ଗଠନ କରିବା ଲାଗି ସଂକଳ୍ପ ବଦ୍ଧ ହେବା ଉଚିତ୍ ।

**ପ୍ଲଟ ନଂ ୩୬୯/୫, ବ୍ରହ୍ମେଶ୍ୱର କଲୋନୀ,**
**ଗଡ଼ଗୋପିନାଥ ପ୍ରସାଦ, ଭୁବନେଶ୍ୱର-୨୫**
**ମୋ-୯୪୩୭୩୦୧୫୨୭**



 କେବଳ ସାଧାରଣ ଜନତା ହିଁ ବିଶ୍ୱ ଇତିହାସ ରଚିବାର ଲକ୍ଷକୁ ପୂରଣ କରି ପାରିବ । - ମାଓ ସେ ତୁଙ୍ଗ

# ଶିଶୁ ଶ୍ରମିକ

**ଭାରତୀ ଭୂଷଣ ପଟ୍ଟନାୟକ**

ଶିଶୁ-ନିଷ୍ପାପ, କାଚକେନ୍ଦୁ ଜଳ ପରି ବିମଳ-ନିର୍ମଳ। ତାର ଦରୋଟି ହସ, ମା'ର ପ୍ରସବକାଳୀନ ସମସ୍ତ ଦୁଃଖ-ଯନ୍ତ୍ରଣାକୁ ପୋଛି ଦେଇଥାଏ ବାତ୍ସଲ୍ୟ ମମତାର ପଣତକାନିରେ। ପଦ୍ମପତ୍ରରେ ଢଳଢଳ ଜଳ ପରି ଶିଶୁର ଆଖିର ଜ୍ୟୋତିରେ ଆନନ୍ଦାତିସର୍ଯ୍ୟ ଭିତରେ ସେ ହଜିଯାଏ ଅପହଂଚ ଭବିଷ୍ୟତ ଇଲାକାରେ। କଳ୍ପନା ଜଳ୍ପନା ଭିତରେ ମଜ୍ଜି ଯାଏ। ଥାକଥାକ ଆଶାର ଅସୁମାରି ପୋଥିକୁ ସେ ସାଇତି ରଖିବାକୁ ପ୍ରଗାଢ ଚେଷ୍ଟା କରିଥାଏ। ବେଳେବେଳେ ସେ ମନେ ମନେ ହସିଉଠେ, ଆଉ ନିଜ ଅଜାଣତରେ ପାଟିରୁ ବାହାରି ଆସେ କେତେବେଗି ପାଞ୍ଚସାତ ବର୍ଷ ଚାଲିଗଲା। ଶିଶୁରୁ ଶୈଶବରେ ପାଦଥାପିଥିବା। ବୁଝା-ଅବୁଝା ଅସ୍ତିତ୍ୱ ଭିତରେ ସେ ଆନନ୍ଦରେ ଗାଇଚାଲେ।

'କାଳିଆ ଘୋଡାରେ ଚଢ଼ିବି
ମଧୁବାବୁ ସଙ୍ଗେ ଲଢ଼ିବି ।।'

ବିଧିର ବିଧାନ କିନ୍ତୁ ଅଲଗା। ସେଇ ପିଲାକୁ କିଛିଦିନ ପରେ ରାଜଧାନୀରେ ଅଥବା ଗାଁ ପାଖ କେଉଁ ଟାଉନରେ କୌଣସି ହୋଟେଲରେ ଅଥବା ମୋଟର ଗ୍ୟାରେଜ, ରେଷ୍ଟୁରାଣ୍ଟ ଅବା କେଉଁ ଦଲାଲ କବ୍‌ଜା ଥିବା ଭିକ୍ଷାବୃତ୍ତି ଅନୁଷ୍ଠାନର ଶିକାର ହେବାକୁ ପଡିଥାଏ। ଏଠାରେ ପ୍ରଶ୍ନଉଠେ ଅନ୍ୟ ପିଲାମାନଙ୍କ ପରି ତାର କ'ଣ ଗୋଟିଏ ସ୍ୱତନ୍ତ୍ର ଇଚ୍ଛାନାହିଁ ? ସେ କ'ଣ ଚାହେଁନି ସମାଜରେ ମଣିଷ ଭଳି ମଣିଷ ହିସାବରେ ବଂଚି ରହିବା ଲାଗି ? ତେବେ ଏ ସବୁଠାରୁ ସେ ବଂଚିତ କାହିଁକି ? ତାର ଦୋଷ କଣ ? ଶିକ୍ଷା ତାର ନାର୍ଯ୍ୟ ଅଧିକାର ଥିବାବେଳେ ସେଥିରୁ ସେ ବାଦ୍ ପଡୁଛି କାହିଁକି ? ଏଥିପାଇଁ ଦାୟୀ କିଏ ? ଏମିତି କେତେ କଣ ?

ଦାରିଦ୍ର୍ୟ, ବଂଶଗତ ପରଂପରା ଭଳି ଦାରିଦ୍ର୍ୟ କେତେକଙ୍କ ପାଇଁ ପିଢି ପରେ ପିଢି ହୋଇ ଲାଗିରହିଛି। ସେଦିନ ଆର ଗାଁ ର ସନିଆ କହୁଥିଲା ତାସ୍ତୀକୁ ହରସେ ନେତି, ମୋ ବା କେତେ ଟଙ୍କା କରଜ କାରିଥିଲା ସେ ମହାଜନଠୁଁ ଯେ, ତା ଘରେ ସେ ଗୋତି ଖଟି ଖଟି ମଲା, ଏବେ ମୁଁ ଗୋତି ଖଟୁଛି। ତଥାପି ସେ ସାଉକାରଟାର ଟିକିଏ ହେଲେ ଦୟା ହେଉନି ଯେ କହୁଚି ପିଲାକୁ ଏଥର ସାଙ୍ଗରେ ନେଇଆସିବୁ, ସେ ଆମର ମଇଁଷି ଜଗିବ, ଗାଈକୁ କୁଣ୍ଡା ପେଜ ଦବ। ରାଗରେ ଜରଜର ହୋଇ ନେତି କହୁଥିଲା, ନାଇଁ ମ ଆଉ ସେ ସବୁ ଚଳିବନି। ତୁ ନଥିଲୁ, ପରଦିନ ମାଇକିରେ ବାବୁମାନେ ଡାକିଡାକି କହୁଥିଲେ- ଗୋତି ଶ୍ରମିକ ପ୍ରଥା ଆଉ ରହିବନି। ସବୁପିଲେ ପାଠ ପଢିବେ। ସରକାର ଆଇନ କରିଛନ୍ତି ଯିଏ ନ ମାନିବ, ସିଧା ଜେଲ ଘରକୁ- ବୁଝିଲୁ।

ଭାରି ଦୁଃଖ ଲାଗେ-ପିଲାଟେ ଆସି ବସ୍‌ଷ୍ଟାଣ୍ଡ ଆଦି ଛକ ଜାଗାରେ କହିଲେ ବାବୁ ପଇସାଟିଏ ଦିଅ ଆଉ ଲାଜ ମାଡେ ସେଇ ବାପା-ମାଙ୍କୁ ଯେଉଁମାନେ ପିଲାଙ୍କୁ ଏପରି ରୋଜଗାର କରି ବଞ୍ଚିବାକୁ ଶିଖାଉଛନ୍ତି। ଯଦିଓ ଭିକ୍ଷାବୃତ୍ତି ବା ଭିକ୍ଷା ମାଗି ଚଳିବା ସମାଜ ଆଗରେ ଏକ ଦଣ୍ଡନୀୟ ଅପରାଧ। ଏ ସଂପର୍କରେ ତ କାହାଣୀ ଅନେକ। ସିନେମା, ଚଳଚିତ୍ର ଆଦିରେ ଏ ସମ୍ପର୍କିତ ଘଟଣା ବହୁଧା ଦେଖିବାକୁ ମିଳିଥାଏ। ସିଗାରେଟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ଜାଣି ତାକୁ ଅଣଦେଖା କରି ଟାଣିଲା ପରେ ଆଜିର ଦିନରେ ମଧ୍ୟ ଗାଁ-ଗଣ୍ଡା, ସହର-ବଜାର-ନଗର, ସବୁଠି ଏ ଘୃଣ୍ୟ ପ୍ରଥା ଚାଲିଛି। କେହି ଛାତିରେ ହାତଦେଇ କାହିପାରିବେନି ଯେ ଆମ ସହର-ବଜାରରେ ଶିଶୁ ଶ୍ରମିକ ବ୍ୟବସ୍ଥା ନାହିଁ ବୋଲି, ହଁ ଆମେ କାଗଜ-କଲମ ମାଧ୍ୟମରେ କହିପାରୁ, ତା କେବଳ ଡରିମରି ସିନା ସାଆନ୍ତ କହୁଛି, ମନ କହୁନାହିଁ ସାଆନ୍ତ ମୋର ନ୍ୟାୟରେ। ସେ ଦିନ ବି ରତନା ମା ବୁଝିଥିଲା ଯେ, ରାଜଧାନୀରୁ ବାବୁମାନେ ଆସିଛନ୍ତି- କହୁଛନ୍ତି ତ ଆମ ରତନାଟା ସେଠାକୁ ଗଲେ ଦି ଅକ୍ଷର ପାଠ ପଢିବ। ବଡ ମଣିଷ ହେବ। ଆଉ ଏ ବାବୁ-ମା ଙ୍କର ଟିକେ ବୋଲ ହାକ କରିବ। ମୁଁ କଣ ଏଠି ଦୋକାନକୁ ତାକୁ ପାଉନି ? ସେମିତି କରିବ... ଆଉ କଣ ? ହେଲେ କ'ଣ ହେଲା - ପାଠପଢି ମଣିଷ ହେବତ ନୋହିସେ। ଦିନେ ରାତିରେ ବାବୁଆଣି ବାବୁଙ୍କୁ କହୁଥିଲେ ଦଶ ବାର ବର୍ଷ ହେଲା ରତନାକୁ ରଖିଛ। ପାଠପଢେଇ ଚାକିରି

ଦେବ ବୋଲି କହି ଆଣିଥିଲ। ସେ ସବୁ ତ ହେଲାନି। ତାକୁ ରଖି ଲାଭ କଣ? ଝିଅ- ଝିଆରିଆ ଘର ଆମର। କେତେବେଳେ କୋଉକଥା କଣ ହେଲା ଦିଆନିଆ ତାକୁ ତା ଘରକୁ ପଠେଇଦିଅ। ମୁଁ ଆମ ହରି କାକାକୁ କହିଛି ସେ ଆଉଗୋଟେ ପିଲା ଯୋଗାଡ କରି ଆଣିବେ। ତା ପରେ ବାବୁ-ବାବୁଆଣିଙ୍କ କଥାନୁସାରେ କିଛି ପଇସା ପତ୍ର ଦେଇ ବୋଧସୋଧ କରି ରତନାକୁ ଗାଁକୁ ପଠେଇଦେଲେ। ରତନା ଅବସ୍ଥାଦେଖି ରତନା ମାଁ ଅତୀତକୁ ଭାଳିଭାଳି ଗୋଟିଏ ଆଖି ହରେଇଲା। ରତନା ମାମୁଁ ସେତେବେଳକୁ ଗାଁ ସରପଞ୍ଚ ଥିଲେବୋଲି ରାଜଧାନୀ ବାବୁଙ୍କ ନାଁରେ ଶିଶୁ ଶ୍ରମିକ ଆଇନ୍ ଅନୁସାରେ କେସ୍ ଦର୍ଜ କରିଥିଲେ ଓ ସେଥିପାଇଁ ସାର୍‌ଙ୍କୁ ମାମୁଁ ଘରେ କିଛିଦିନ ରହିବାକୁ ପଡିଥିଲା। ଚାକିରିରୁ ସସ୍‌ପେଣ୍ଡ ହେଲେ ଇତ୍ୟାଦି। ସେ ଯାହାହେଉ ଜଗନ୍ନାଥ ତାଙ୍କୁ ସୁବୁଦ୍ଧି ଦେଇଛନ୍ତି। ସେ ବୁଲିବୁଲି ସଭାସମିତିରେ କହୁଥିବାର ଶୁଣାଗଲା। - ଆରେ ମୁଁ ତ ଯାହା ଭୁଲ କଲି ତାର ପ୍ରାପ୍ୟ ପାଇଗଲି ସେ ଭୁଲ ଆପଣମାନେ କରନ୍ତୁନି। ପ୍ରାଞ୍ଜଳ ଭାବରେ ଘଟଣାର ଅବତାରଣା କରି କହୁଥିଲେ ସାର୍।

ତେଣୁ ଏ ଅବ୍ୟବସ୍ଥା ନର୍ଦ୍ଦମା ପଙ୍କରୁ ଯଦି କିଛି ସୁବ୍ୟବସ୍ଥା କରିପାରିବା ତାହେଲେ ପଙ୍କରୁ ପଦ୍ମ ଫୁଟିବା ପରି ଶିଶୁମାନେ ଏ ଦେଶରେ ଉତ୍ତମ ନାଗରିକ ରୂପେ ସମାଜ ଆଗରେ ଠିଆ ହୋଇପାରିବେ। କଥାହେଲା Child Labour ବା ଶିଶୁ ଶ୍ରମିକ ପ୍ରଥାକୁ ଲୋପ କରିବାକୁ ହେଲେ ପ୍ରଥମତଃ ବ୍ୟକ୍ତି ବିଶେଷର ଅର୍ଥନୈତିକ ମାନଦଣ୍ଡ ପ୍ରତି ଦୃଷ୍ଟିଦେବାକୁ ପଡିବ। କାରଣ ଏପରି କେଉଁ ଅବସ୍ଥା ତାର ହେଲା ଯେ, ସେ ତାର ଛୁଆକୁ (ଯାହାର ବୟସ ଖେଳିବା ବୁଲିବା, ପାଠଶିଖିବା, ଇତ୍ୟାଦି) ରୋଜଗାର କରି ସେ ଆଣିଲେ ସେ ବ୍ୟକ୍ତି ବିଶେଷ ନିଜେ ବଞ୍ଚିବ ଏବଂ ସେ ପିଲା ବି ଜୀଇଁ ଯିବ ଏପରି ଏକ ମାନସିକତା ନେଇ ପଠାଇଲା, ତାହା ଅନୁଧ୍ୟାନ ଯୋଗ୍ୟ। ଅର୍ଥାତ୍ ତାର ଦାଦନ, ଗୋତି ଶ୍ରମିକ ବା ଦିନ ମଜୁରିଆ ଭାବେ ଖଟିବାର କାରଣ ଏବଂ ଏ ଅବସ୍ଥା ସଂଗେ ଜୁଟୁଥିବା ଲୋକ ଲାଗି ଉତ୍ତରଦାୟୀ କେଉଁମାନେ। ନିଜେ ନାଁ ଆଉ କିଏ ? ତାହା ହିଁ ପ୍ରଶ୍ନବାଚୀ। ଶୁଣାଯାଏ - ଶାସ୍ତ୍ରକହେ ଏଇ ସରଳ ନିଷ୍ପାପ ଲୋକଙ୍କ ଦୁରାବସ୍ଥା ଲାଗି ଏ ସମାଜ ଦାୟୀ। ଏ ସମାଜର ବଡପଣ୍ଡାମାନେ, ସୁଧଖୋର ମହାଜନଗୋଷ୍ଠୀ ସେମାନଙ୍କୁ ତଳିତଳାନ୍ତ କରି ସେମାନଙ୍କୁ ଦାଦନ ପଠାଇବାରେ ସହାୟକ ହେଇଛନ୍ତି ତ କିଏ ସେମାନଙ୍କୁ ପଶୁତୁଲ୍ୟ ବ୍ୟବହାର କରେ ପୁରୁଷାନୁକ୍ରମିକ ଭାବେ ଗୋତି ଶ୍ରମିକ ପ୍ରଥାର ଜୟଗାନ କରିଛନ୍ତି। ଦେର ସେ ଆୟେ, ଲେକିନ ଦୁରୁସ୍ତ ଆୟେ ବା ବିଳମ୍ବେ କାର୍ଯ୍ୟ ସିଦ୍ଧି ନ୍ୟାୟରେ ଶିଶୁ ଶ୍ରମିକ ଆଇନ୍ ୧୯୮୬ ମସିହାରେ ସରକାରଙ୍କ ଦ୍ୱାରା ପାଳିତ ହେଲା ଏବଂ ସେଥିରେ ଦେଖାଗଲା ଯେ ୧୪ ବର୍ଷଠାରୁ କମ ବୟସ ପିଲା ପୁରା ସମୟ ବା କିଛି ସମୟ ଦେଇ ରୋଜଗାରକ୍ଷମ ହୋଇ ପାରିବନି ତଥା ଅଠରଟି ବିପଦ-ଶଂକୁଳ ଶିଳ୍ପାନୁଷ୍ଠାନରେ କାମ କରିପାରିବ ନାହିଁ। ତେଣୁ ଏହା ଥିଲା ସରକାରଙ୍କ ଏକ ଉତ୍ତମ ପଦକ୍ଷେପ ଏବଂ ସେଥିଲାଗି ସରକାର ପର୍ଯ୍ୟାପ୍ତ ପରିମାଣର ସୁବିଧା ସୁଯୋଗ ଯଥା : ୧୪ ବର୍ଷ ପର୍ଯ୍ୟନ୍ତ ଶିଶୁର ପାଠପଢା ଅଧିକାର। ପାଠପଢା ଶିଶୁମନରେ ଆଗ୍ରହ ସୃଷ୍ଟି ନିମନ୍ତେ ସ୍କୁଲ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ। ବହିଖାତା ଯୋଗାଣ। ସ୍କୁଲ ଯିବା ଆସିବା ଲାଗି ଏଜେନ୍‌ସି ଏରିଆରେ ସାଇକେଲ, ପୋଷାକପତ୍ର ଏପରି ବର୍ତ୍ତମାନ ବସ୍ ଯୋଗେ ଶିଶୁମାନେ ପାଠପଢିବା ବ୍ୟବସ୍ଥା ସୃଷ୍ଟି କରିଛନ୍ତି। ତେଣୁ Child Labour (Prohibition and Regulation) Act 1986 ଏବଂ Ammended Child Labour (Prohibition and Regulation) Act (C & PR Act) 1986 ଯାହାକି ୨୦୧୨ ମସିହାରେ ଉପସ୍ଥାପିତ ହୋଇ ୨୦୧୫ ମସିହାରେ କ୍ୟାବିନେଟ ମଞ୍ଜୁରୀ ପାଇଲା ତାହା ଏବେ ଶିଶୁ ଶ୍ରମିକ କ୍ଷେତ୍ରରେ କେତେଦୂର ସକ୍ଷମଶୀଳ ଓ ଏହା କାର୍ଯ୍ୟ କାରୀତା ସମୟ ହିଁ କହିବ। କାରଣ ଆଜିର ସମୟରେ ଶତକଡା ୪୦% ଶିଶୁ ଶ୍ରମିକ ମୂଲ୍ୟବାନ ପଥର ଖଣି ଆଦିରେ କାମ କରିଥାନ୍ତି ଏବଂ ଯେଉଁମାନେ ନିୟୋଜିତ ସେମାନେ ସମସ୍ତେ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଓ କବଳିତ।

ଜଗନ୍ନାଥ କରନ୍ତୁ, ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ ଉତ୍ତମ ନାଗରିକ ଭାବେ ସମାଜରେ ସହାବସ୍ଥାନ କରୁ। ଉତ୍ତମ ଖାଦ୍ୟ, ବସ୍ତ୍ର, ଶିକ୍ଷା-ସ୍ୱାସ୍ଥ୍ୟ ସେମାନଙ୍କୁ ମିଳୁ ଓ ଏଭଳି ଏକ ଘୃଣ୍ୟ ପ୍ରଥାର ନିଗଡ ବନ୍ଧନରୁ ସେମାନେ ମୁକୁଳିଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ ଏହା ହିଁ କାମନା।

**୨-ବି, ଦ୍ୱିତୀୟ ମହଲା, ଆରୋଗ୍ରୀନସ୍ ଆପାର୍ଟମେଣ୍ଟ**



ଜନ୍ମଦିନ ହେଉଛି ସ୍ମୃତିଚାରଣର ଦିନ, ବିଗତ ବର୍ଷରେ ନିଜର କାର୍ଯ୍ୟକୁ ସମୀକ୍ଷା କରିବାର ଦିନ। - ମହାତ୍ମାଗାନ୍ଧୀ

# ପୋଷାକ

**ସୁନୀତି ମୁଣ୍ଡ**

ରିଙ୍କି ସକାଳୁ ଜିଦ୍ କରୁଛି ସ୍କୁଲ ଯିବ ତ ଶୋଭନଭାଇ ସାଙ୍ଗରେ ହିଁ ଯିବ। ଗତ ସଂଧ୍ୟାରୁ ତା' ବାପା ଆନନ୍ଦବାବୁଙ୍କୁ ପୁଲିସ୍ ଧରିନେଇଛି। ରିଙ୍କି ବୟସରେ ସାତ କି ଆଠ ହେବ। ତାକୁ ଜଣାନାହିଁ ପୁଲିସ ତା' ବାପାଙ୍କୁ କାହିଁକି ନେଇଯାଇଛି। ସେ ଖାଲି ଜାଣିଛି ନାଲି ଲାଇଟ୍ ଲଗା ଗୋଟିଏ ଜିପ୍‌ରେ ତା' ବାପାଙ୍କୁ ମାଟିଆ ସାର୍ଟ ପିନ୍ଧିଥିବା କିଛି ଲୋକ ଡାକି ନେଇଗଲେ। ତା'ର ନିଘା ନାହିଁ ସିଆଡକୁ। ସେ ଖାଲି ଖୋଜୁଚି ଶୋଭନ ଭାଇକୁ।

ଶୋଭନ ଗଲା ମାର୍ଗଶୀର ମାସରେ ଆସି ଆନନ୍ଦବାବୁଙ୍କ ପାଖରେ ପହଞ୍ଚିଥିଲା। ମନକୁମନ ଆସିଥିଲା, କେହି ପଠେଇନଥିଲେ ତାକୁ। ସହର ସାରା କାମ ମାଗି ମାଗି ନମିଳିବାରୁ ସହର ବାହାରକୁ ବାହାରି ଆସିଥିଲା ସେ। ସହରଠାରୁ ପାଖ ଦୁଇ କିଲୋମିଟର ପରେ ହାଇୱେରେ ଆନନ୍ଦବାବୁଙ୍କ ହୋଟେଲ୍। ଶୋଭନ ଆସି ଯେତେବେଳେ ତାଙ୍କୁ କାମ ମାଗିଲା, ତେର/ଚଉଦ ବର୍ଷ ପିଲାଟିର ଶୁଖିଲା କଳା ମୁହଁ ଦେଖି ଦୟା ଆସିଥିଲା ଆନନ୍ଦବାବୁଙ୍କର। ପଚାରିଥିଲେ ଘର କେଉଁଠି ?

'ମାଲକାନଗିରିରେ ବାବୁ ?'

'ଭୁବନେଶ୍ୱର ଚାଲି ଆସିଛୁ ଯେ... ?'

'ବାପା ମାଆଙ୍କ ପାଖକୁ ଚାଲି ଆସିଥିଲି। ବାପା ଗୋଟିଏ ଟାୟାର ଦୋକାନରେ କାମ କରନ୍ତି ଆଉ ମାଆ ବଡ ଲୋକଙ୍କ ଘରେ ବାସି ପାଇଟି କରି ଚଳେ।'

'ତୋ ବାପା ମା କ'ଣ ଏଠି ରହନ୍ତି ?'

'ହଁ ବାବୁ, ବିହେଁୟାକ ଏଠି ରହନ୍ତି।'

'ମୋ ପାଖରେ କିନ୍ତୁ କାମ କଲେ ତୁ ସବୁଦିନ ଘରକୁ ଯାଇ ପାରିବୁ ନାହିଁ ଯେ।'

'ଚଳିବ... ବାବୁ। ମୋର କାମ ଦରକାର।'

ଆନନ୍ଦବାବୁ ତାଙ୍କ ପୁରୁଣା କର୍ମଚାରୀ ରବିନ୍ଦ୍ରକୁ ଡାକି ଶୋଭନକୁ କାମ ଦେବାକୁ କହିଲେ।

ଶୋଭନ ଦେଖିବାକୁ କଳା ମଚମଚ। ଠିକ ତା' ବାପା ମରାମତି କରୁଥିବା ଟାୟାର ଭଳି। ମୁଣ୍ଡରେ ଫୁରଫୁରିଆ ଚୁଟି, ଖୁବ ପତଳା ଶରୀର। କଳା ଦେହ ଭିତରେ ଯିଦି କିଛି ବାରି ହୋଇପଡୁଥାଏ ତାହା ଥିଲା ତା' ମୁହଁର ଦାନ୍ତ ଗୁଡିକ। ତା' ଦେହର ରଙ୍ଗ ଦେଖି ରବିନ୍ଦ୍ର ମନେ ମନେ ଭାବିଲା ଏହାକୁ ଯାହା କାମ ଦେଲେ ଗରାଖ ଅଶାନ୍ତି ହେବେ। ପଚାରିଲା, 'ବାସନ ମାଜି ପାରିବୁ ?' ଶୋଭନ ଭାବିଥିଲା କିଛି ଗୋଟିଏ ଭଲ କାମ ମିଳିବ ତାକୁ। କିଛି ନଭାବି ଉତ୍ତର ହେଲା, 'ହଁ ପାରିବି।' ବାସ୍ ସେଇଠି କାମରେ ଲାଗିଗଲା ସେ।

ଶୋଭନ ଅଳ୍ପ ଦିନରେ ଗୋଟିଏ ଭାବ ଲଗେଇ ଦେଲା ସମସ୍ତଙ୍କଠେଇଁ। ଆନନ୍ଦବାବୁ ବି ଭାରି ଭଲ ପାଇଲେ ତାକୁ। ଧିରେ ଧିରେ ବାସନ ମଜାଠୁ ନେଇ ରୋଷେୟାକୁ ସାହାଯ୍ୟ କରିବା ପର୍ଯ୍ୟନ୍ତ କାମରେ ହାତଦେଲା ଶୋଭନ ମାସ କେଇଟାରେ।

ଆନନ୍ଦବାବୁଙ୍କ ହୋଟେଲରୁ ଉତ୍ତର ଦିଗରେ ଗୋଟିଏ କିଲୋମିଟର ଗଲେ ବାମକୁ ଯେଉଁ ଇଟା କାନ୍ଥର ଘରଟା ପଡେ ସେଇଟା ଆନନ୍ଦବାବୁଙ୍କର। ସେ କାନ୍ଥକୁ ପଲସ୍ତରା ନକରି ସେମିତି ଛାଡ଼ି ଦେଇଛନ୍ତି ଗଲା ବର୍ଷରୁ। ଘର ଛାତ ପଡ଼ିଛି ନା ନାହିଁ ପତ୍ନୀ ତାଙ୍କର ସାପ କାମୁଡାରେ ଚାଲିଗଲେ ଆରପାରିକି। ଝିଅ ରିଂକିକୁ ସେତେବେଳେ ଛ' ବର୍ଷ। ସ୍କୁଲ ଯିବାକୁ ଆରମ୍ଭ କରିଥାଏ। ଝିଅ ମୁହଁକୁ ଅନାଇ ଆଉ ବାହା ନହେବାର ସିଦ୍ଧାନ୍ତ

ନେଇଛନ୍ତି ସେ। ହୋଟେଲର ଦକ୍ଷିଣକୁ ଦୁଇ କିଲୋମିଟର ଗଲେ ବାମ ଆଉ ଡାହାଣକୁ ଚଢ଼େଇର ଡେଣା ମେଲାଇଲା ଭଳି ମେଲାଇ ପଡିଛି ସହରଟା। ରିଙ୍କିକୁ ତା ମାମୁ ଘରେ ଅଧିକାଂଶ ସମୟରେ ଛାଡିଦେଇ ସେଇ ଏକୁଟିଆ ଘରଟାରେ ରହିବାକୁ ପସନ୍ଦ କରନ୍ତି ଆନନ୍ଦ ବାବୁ।

ହଜିଲା ବଳଦ ଖୋଜିଲା ଠେଇ ଭଳି ଶୋଭନ ଆସି ଠିକ୍ ସମୟରେ ଯୁଟିଛି ଆନନ୍ଦ ବାବୁଙ୍କୁ। ଶୋଭନର ସଙ୍କୋଚତା ଆଉ ସରଳତା ଦେଖି ଆନନ୍ଦବାବୁ ତାକୁ ଆଉ ବେଶୀ ସମୟ ହୋଟେଲରେ ନରଖି ଘରର ଦାୟୀତ୍ୱ ଧିରେ ଧିରେ ଦେବାକୁ ଲାଗିଲେ। ଝିଅ ରିଙ୍କିକୁ ସ୍କୁଲ ନେବା ଆଣିବା ଦାୟୀତ୍ୱ ଶୋଭନର। ମାମୁଁ ଘରୁ ରିଙ୍କିକୁ ନେଇ ସ୍କୁଲରେ ଛାଡିବା ଏବଂ ସ୍କୁଲରୁ ରିଙ୍କିକୁ ଆଣି ମାମୁଁ ଘରେ ଛାଡି ଶୋଭନ ହୋଟେଲରେ ମୁହଁ ମାରି ଚାଲିଆସେ ଆନନ୍ଦବାବୁଙ୍କ ଘରକୁ। ତାଙ୍କ ପାଇଁ ଖାଇବା ପ୍ରସ୍ତୁତ କରି ଗାଧୋଇ ପାଧୋଇ ସେ ପୁଣି ବାହାରିଯାଏ ହୋଟେଲ ଅଭିମୁଖେ। ଆନନ୍ଦବାବୁଙ୍କ ଶୋଭନ ପ୍ରତି ଥିବା ବିଶ୍ୱାସକୁ ଦେଖି ପୁରୁଣା କର୍ମଚାରୀମାନେ ଇର୍ଷାପରାୟଣ ହୁଅନ୍ତି। ଆନନ୍ଦବାବୁଙ୍କ ଘରେ ଦୁଇ ବଖରା ରହିବା ଘର, ଗୋଟିଏ ରୋଷେଇଘର, ବଡ ଗୋଟିଏ ପିଣ୍ଡା ଆଉ ଘର ବାହାରକୁ ଗାଧୁଆ ଘର। ଗାଧୁଆ ଘରର ଛାତ ପଡିପାରିନି ଆଜି ଯାଏ। ସ୍ତ୍ରୀ ଗଲାପରେ ସବୁ କାମ ଅଧାପନ୍ତରିଆ ପଡିଛି। କ'ଣ ବା ଲାଭ। ଘରର ଘରଣୀ ଯଦି ନାହିଁ ଘରକୁ ସୁନ୍ଦର କରିବେ କାହାପାଇଁ। ଏକରକମ ତାଙ୍କ ମନ ମରିଯାଇଥିଲା ଯେମିତି।

ସେଦିନ ଆନନ୍ଦବାବୁ ଟିକିଏ ଶୀଘ୍ର ଘରକୁ ଫେରିଆସିଥିଲେ। ଫେରିଲାବେଳକୁ ଶୋଭନ ଗାଧୁଆ ଘରେ ଗାଧୋଉଥାଏ। ଗାଧୁଆ ଘରେ ଛାତ ନାହିଁ। ହଠାତ ଚମକି ପଡିଲେ ଆନନ୍ଦବାବୁ। ପୁଅ ପିଲାଙ୍କ ସାର୍ଟ ପ୍ୟାଣ୍ଟ ମଧ୍ୟରେ ଗୋଟିଏ କଳା ରଙ୍ଗର ବ୍ରେସିୟର। କିଛି ବୁଝିପାରିଲେନି ସେ। ତାଙ୍କ ସ୍ତ୍ରୀଙ୍କ ପୋଷାକରେ ଶୋଭନ ହାତ ମାରୁଛି ନା କ'ଣ। ନା ଶୋଭନ ସାଙ୍ଗରେ ଆଉ କିଏ ଗାଧୁଆଘରେ ଅଛି। ମନରେ ସନ୍ଦେହ ଆସିଲା। ତଥାପି ଘର ଭିତରକୁ ପଶିଯାଇ ଝରକା ଅଢୁଆଳରେ ଗାଧୁଆଘର ଦରଜାକୁ ଚାହିଁ ରହିଲେ। କିଛି ସମୟ ପରେ ଦରଜା ଖୋଲିଲା ଆଉ ଶୋଭନ ପୋଷାକ ପିନ୍ଧି ତା ଭିତରୁ ବାହାରି ଆସିଲା। ତା ସାଙ୍ଗରେ ଆଉ କେହି ନଥିଲେ। ଟିକିଏ ଚିନ୍ତିତ ହେଲେ ଆନନ୍ଦବାବୁ। ଶୋଭନ କ'ଣ ପୁଅ ନୁହେଁ, କ'ଣ ସେ ଝିଅ, ନାଁ ସେ... ? ଏମିତି ଭାବନା ଭିତରେ ତାଙ୍କର ଅସୁସ୍ଥତା କୁଆଡେ ଉଭେଇ ଗଲା। ସେ ଖାଇସାରି ଶୀଘ୍ର ପ୍ରସ୍ତୁତ ହୋଇ ବାହାରିଗଲେ।

କିଛି ସମୟ ପରେ ଶୋଭନ ଯାଇ ପହଞ୍ଚିଲା ହୋଟେଲରେ। ଆନନ୍ଦବାବୁ ଶୋଭନକୁ କହିଲେ ପାଣି ଗିଲାସ ଆଣି ଦେବା ପାଇଁ। ପାଣି ଆଣି ସବୁଦିନ ଭଳି ଶୋଭନ ଟେବୁଲ୍ ଉପରେ ଥୋଇବାବେଳେ ସେ ତା ହାତରୁ ଗ୍ଲାସ ନେଇଯାଇ ନିଜ ଆଙ୍ଗୁଠିରେ ଏକ ଧିର ଚାପାଦେଲେ। ଶୋଭନ କିନ୍ତୁ ବୁଝିପାରିଲା ନାହିଁ। ହଠାତ ଆନନ୍ଦବାବୁ ଶୋଭନକୁ ଡାକି କହିଲେ 'ମତେ ଏକୁଟିଆ ଘରେ ଶୋଇବାକୁ ଡର ମାଡୁଛି.' ତୁ ଆଜିଠୁ ରାତିରେ ମୋ ଘରେ ଶୋଇବୁ। କିଛି ନଭାବି ନଚିନ୍ତି ଶୋଭନ ହଁ ମାରିଲା।

ଆନନ୍ଦବାବୁ ଖାଲି ଅସ୍ତବ୍ୟସ୍ତ ହେଉଥାନ୍ତି କେତେବେଳେ ରାତି ହେବ। ସେ ଘରକୁ ଫେରିବେ ଆଉ ଶୋଭନ - ଶୋଭନ ନା ଶୋଭା ତାହା ଜାଣିବେ। ହୋଟେଲରେ ବାବୁଙ୍କ କଥାନୁଯାୟୀ ଶୋଭନ ସବୁ କାମଧନ୍ଦା ସାରି ରାତିକୁ ଶୋଇବା ପାଇଁ ବାବୁଙ୍କ ଘରକୁ ଆସିଲା। ବାବୁ ଖୁବ୍ ବିଚଳିତ ଜଣାପଡୁଥାନ୍ତି। ଶୋଭନ ପାଚାରିଲା, 'ବାବୁ କଣ ଦରକାର ?'

'ନା କିଛି ନୁହେଁ। ତୁ କ'ଣ ଖାଇସାରିଛୁ ?'

'ହଁ ବାବୁ।' କହି ସେ ବାବୁଙ୍କ କୋଠରୀର ସାମ୍ନା ବାରଣ୍ଡାରେ ଗୋଟିଏ କଡ଼କୁ ନିଜ ବିଛଣା ପାରିଲା ଆଉ ଶୋଇଗଲା।

ଆନନ୍ଦବାବୁ କେବଳ ସେହି ସମୟକୁ ଅପେକ୍ଷା କରିଥାନ୍ତି ଶୋଭନ ଶୋଇବ କେତେବେଳେ ଆଉ ସେ ଧିରେ କି ତା' ଛାତିକୁ ଚାହିଁବେ ତା ଶୋଇବା ଅବସ୍ଥାରେ। ଶୋଭନ

ମନରେ କିଛି ଶଙ୍କା ନଥିଲା । ସେ ଜାଣିସାରିଥିଲା ବାବୁ ତାକୁ ପୁଅଟିଏ ବୋଲି ହିଁ ଏଯାଏଁ ଜାଣିଛନ୍ତି ଆଉ ସେ ଝିଅପିଲା ଏକଥା ତାଙ୍କ ଜାଣିବାର ସୁଯୋଗ ନାହିଁ ତେବେ ବାବୁ ଆଜି ଯେତେବେଳେ ତାକୁ ତାଙ୍କ ଘରେ ଶୋଇବାକୁ କହିଛନ୍ତି ସେ ଟିକେ ସତର୍କ ଥିଲା ।

ଆନନ୍ଦବାବୁ ସାହସ ଯୁଟାଇ ପାରୁନଥିଲେ ସିଧାକରି ତାକୁ ପଚାରିବାକୁ କି ତା' ଦେହକୁ ଦେଖିବାକୁ । ତେବେ ବି ଡେରି ରାତି ଯାଏଁ ତାଙ୍କ ଆଖିରେ ନିଦନାହିଁ । ଏମିତି ଏମିତିରେ ସକାଳ ପାଇଗଲା ହେଲେ ଆନନ୍ଦବାବୁ ଶୋଭନକୁ ଠିକ୍‌ରେ ଦେଖିପାରିଲେ ନାହିଁ । ଆନନ୍ଦବାବୁ ଏଥର ସବୁବେଳେ ସବୁସମୟରେ ଶୋଭନ ପଛରେ ନିଜ ଆଖିକୁ ଲଗାଇ ରଖିଲେ । ଦୁଇରାତି ଶୋଭନ ତାଙ୍କ ଘରେ ଶୋଇଲା ପରେ ତୃତୀୟ ରାତିରେ ଟିକେ ନିର୍ଭୟରେ ଶୋଇପଡିଛି ସେ । ଅଧରାତିରେ ଆନନ୍ଦବାବୁ ପାଣି ପିଇବାକୁ ବାହାରିଲା ବେଳକୁ ସେ ଯାହା ଦେଖିଲେ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ଶୋଭନ୍ ପୁଅ ନ ଥିଲା ସେ ଥିଲା ଝିଅଟିଏ ।

ଯେତେବେଳେ ଯାଏ ସେ ଜାଣିଥିଲେ ଯେ ଶୋଭନ ପୁଅ ବୋଲି ତାଙ୍କ ମନରେ କେବେ ବି କୌଣସି ଧାରଣା ଆସିନାହିଁ । କିନ୍ତୁ ଯେତେବେଳେ ଶୋଭନକୁ ଶୋଭା ବୋଲି ଜାଣିବାକୁ ପାଇଲେ ତାଙ୍କ ମନରେ ପ୍ରତିଟି କୋଣରେ କେତେ ପାପ ଛୁଇଁଛି । ଶୋଭନ ପୁଅଟିଏ ଜାଣି ନିଜ ଝିଅର ସୁରକ୍ଷା ତା'ହାତରେ ସଅଁପି ଥିଲେ । କିନ୍ତୁ ଶୋଭନ ଯେତେବେଳେ ଶୋଭା ହୋଇଗଲା ତା' ନିଜ ଜୀବନ ଅସୁରକ୍ଷିତ ହୋଇଗଲା ।

ଦିନେ ସୁଯୋଗ ପାଇ ସେଠାରୁ ଚାଲି ଆସିଲା ଶୋଭା । ଥକ୍କା ମେଣ୍ଟାଇବାକୁ ଗୋଟିଏ ବରଗଛ ମୂଳେ ସେ ଘଡିଏ ବସିଗଲା । ତା'ମାନସ ପଟକୁ ଅତୀତ ଛୁଇଁଗଲା । ସେଦିନ ନିଜ ପୋଷ୍ୟବାପା ପାଖରେ ବି ନିଜ ଯୌବନକୁ ସାଇତି ପାରିନଥିଲା । କି ଆଜି ପୁରୁଷ ପୋଷାକ ପିନ୍ଧିଥିବା ଯାଏଁ ନିଜ ନାରୀଧନକୁ ସାଇତି ପାରିଥିଲା । ଝିଅପିଲା ପୋଷାକରେ ଯେଉଁ ନାରୀଧନକୁ ସାଇତି ପାରୁନି ସେଠି ପୁରୁଷ ପୋଷାକ ପିନ୍ଧିବାରେ କ୍ଷତି କ'ଣ ଭାବି ସେ ବଦଳିନେଇ ଥିଲା ନିଜ ପୋଷାକ । କିନ୍ତୁ ହାୟରେ ପୁରୁଷ ଜାତି କେତେ କ୍ରୁର ତୋର ମାନସିକ ସ୍ଥିତି । ଶେଷରେ ଦୁନିଆ ଆଖିରୁ ବଞ୍ଚିବା ପାଇଁ ନିଷ୍ପତି ନେଲା ପୁରୁଷ ପୋଷାକ ଭିତରେ ତା' ନାରୀ ଧନକୁ ଲୁଚେଇ ରଖିବ । ଯଦି ପୋଷାକ ବଦଳ କରି ନାରୀ ସୁରକ୍ଷିତ ହୋଇପାରୁଛି ସେଥିରେ ଭୁଲ ରହିଲା କେଉଁଠି ? ବସିଥିବା ସ୍ଥାନରୁ ଉଠି ପୁଣି ଦଉଡ଼ିବାରେ ଲାଗିଲା । ଚାଲୁଥିବା ଗୋଟିଏ ବସ୍‌କୁ ଧରୁ ଧରୁ କଚାଡ଼ି ହୋଇ ପଡ଼ିଗଲା । ପାଖରେ ଥିବା ଲୋକେ ନିକଟସ୍ଥ ଡାକ୍ତରଖାନାକୁ ତାକୁ ନେଇଗଲେ । କିଛି ସମୟ ପରେ ଚେତା ଆସିଲା, ଦୁର୍ଘଟଣା ଖବର ପାଇ ପୁଲିସ ମଧ୍ୟ ପହଁଞ୍ଚିଗଲେ । ପୁଲିସ ସବୁ କଥା ତଦାରଖ କରି ଆନନ୍ଦବାବୁଙ୍କୁ କୋର୍ଟ ଚାଲାଣ କରାଗଲା । ଶୋଭନ ଶୋଭା ହେବ ନା ପୁଣି ଶୋଭନକୁ ଫେରିଯିବ ଏଇକଥା ଭାବୁଭାବୁ ଡାକ୍ତର ଆସି ତା' ମୁଣ୍ଡ ଉପରୁ ହାତ ବୁଲାଇଆଣିଲେ ।

ସିଆଡେ ଶୋଭନ ଭାଇର ଅନୁପସ୍ଥିତିରେ ରିଙ୍କି ସ୍କୁଲ ଯିବାକୁ ଅମଙ୍ଗ । ଗୋଟିଏ ଯିଦ୍ ଶୋଭନ ଭାଇ ନ ଆସିଲେ ସେ ସ୍କୁଲ ଯିବ ନାହିଁ ।


**ମୋବାଇଲ୍ ନଂ ୯୭୭୮୩୧୧୫୩୩**

**E-mail - sunitiodisha@gmail.com**




# ଶିଶୁ ଶ୍ରମିକ

**କିଶଳୟ ଶତପଥି**

ମୁଁ ଶିଶୁ,
ଅସଜଡ଼ା ମୋ ଇତିହାସ ପୃଷ୍ଠା
ପୃଷ୍ଠାରେ ପୃଷ୍ଠାରେ ଦାରିଦ୍ର୍ୟର ଛିଟା
ଜଳି ଯାଉଛି ମୋ ଆଜିର କୈଶୋର
ମୁଠାଏ ପଖାଳ ପାଇଁ ଶ୍ରମିକ ସାଜିଛି ମୁଁ, ମୋର ଭାଗ୍ୟ ହାତେ ଡୋର ।

ସ୍ମୃତିହୀନ ମୋ ବିଗତ ଅତୀତ,
ଶୂନ୍ୟରେ ଲଟକିଛି ଲମ୍ବା ଭବିଷ୍ୟତ
ମୁଁ ଶୁଣି ପାରୁଛି କେତେ ସୁମଧୁର ସତେ
ମୋ ଚାରିପାଖେ ଥିବା ସଭିଙ୍କର ଜୀବନର ଗୀତ
ଜାଣିପାରୁନି କେଉଁ ତାଳ, କେଉଁ ଛନ୍ଦ କେଉଁ ରାଗରେ ବୋଲା ହେବ ମୋର ଜୀବନ ସଙ୍ଗୀତ
ଖଡ଼ି ବଦଳରେ ମୋ ହାତେ କୋଡ଼ି ବା ହାତୁଡ଼ି
ଖେଳକୁଦ ସବୁ ବନ୍ଦ, ମୁଁ ଆଜି ବଳୁଛି ଦଉଡ଼ି ବା ବିଡ଼ି
ଏଇତ ଦଇବ ଦଉଡ଼ି ।

ବିଚିତ୍ର ମୋ ଜୀବନ ସଙ୍ଗୀତର ଧାରା
କେତେବେଳେ ରାଗ ଦରବାରୀ କାରୁଣ୍ୟରେ ଭରା
ତ କେବେ ପୁଣି ଶିବରଞ୍ଜନୀର ସୁରେ ସୁରେ ଜୀବନଟା ମୋର ଏକ ଦୁଃଖର ପସରା
ଭୁଷୁଡ଼ି ପଡୁଛି ମୋ ସବୁ ମନୋବଳ, ସବୁ ସଙ୍ଗୀତ ଆଜି ମୋ ପାଇଁ ବେସୁରା ।

ତଥାପି ... ସ୍ୱପ୍ନ ଦେଖୁଛି
କେବେ ମେଘମହ୍ଲାର ବା ବସନ୍ତ ରାଗରେ
ବୋଲା ହେବ ମୋର ଜୀବନର ଗୀତ
ଶୁଖିଲା ଡାଳରେ ପୁଣି ଫୁଲ ଫୁଟି ଫଳ ଧରି
ମୋ ଜୀବନରେ ପୁଣି ଆସିବ ବସନ୍ତ ।

**ସହକାରୀ ଶ୍ରମ କମିଶନର, ଭୁବନେଶ୍ୱର**
**ଭ୍ରାମ୍ୟଭାଷ - ୯୭୫୮୧୮୮୧୧**


ଜୀବନର ଶିକ୍ଷା ବେଳେ ପାଠ୍ୟ ପୁସ୍ତକର ନୁହେଁ, ଦୈନିକ ଘଟଣାବଳୀରୁ ମଧ୍ୟ ମିଳିଥାଏ । - ଜି. କେ. ଖ୍ରୀଷ୍ଟନ୍

# ପିଲାବେଳ

**ଖଗେଶ୍ୱର ମହତାବ**

ଆମେ ଟିକି ଟିକି ପିଲା
ଟିକି ଟିକି ଫୁଲ କଢ଼ି
ଆମେ ଆଜିସିନା ସାନ, ଛୋଟ·
କାଲିର ପା ନାଗରିକ
ଆମେ ପଢ଼ିଲେ ବଢ଼ିଲେ
ଚହଟିବ ଚଉପାଶ
ବିକଶିବ ଆମ ଦେଶ ।

ଆମ ହାତେ ଆଉ
ଧରାଇ ଦିଅନି ଗଇଁନ୍ତି,
କୋଦାଳ, କୋଡ଼ି
ଆମ ହାତେ ଆଉ ଉଠାଅନି
ତମେ ଅଇଁଠାପତର
ଅଳିଆ, ଅଳନ୍ଧୁ, ମାଟିକି
ପଥର ଗୋଡ଼ି
ଖଟାଅନି ନେଇ ଖଣିକି
ଖାଦାନ, ଖେତେ
ଧରାଅନି ତମେ ଦାଆକି
କଟୁରୀ ଆମରି କଅଁଳ ହାତେ ।।

ଆମରି ମଥାରେ ଲଦି ଦିଅନାହିଁ
ଇଟା, ପଥରର ବୋଝ
ବେଳ ଥାଉଥାଉ ଆମକଥା
ଟିକେ ହେଜ
ଶ୍ରମ ଆଇନରେ ଶିଶୁକୁ
ଶ୍ରମିକ କରି ଖଟାଇବା
ଦଣ୍ଡନୀୟ ଅପରାଧ ।।

ଦେଶର ପ୍ରଗତି ଚାହୁଁଥାଅ ଯଦି
ବାଧକ ହୁଅନା ଆଉ
ପ୍ରତି ଶିଶୁହାତେ କାଗଜ କଲମ
ବହିପତ୍ର ଦିଅ
ପାଠ ପଢ଼ି ସିଏ ଯାଉ ।

ଏବେ ସିଏ ପରା ଟିକି ସାନପିଲା
ତାର ପଢ଼ିବା ବଢ଼ିବା
ଖେଳିବା କୁଦିବା ବେଳ
ଖରାରେ ତରାରେ, ମେଘ ଓ
ଜାଡରେ ଖଟାଅନି ତାକୁ
ତା ପାଖରୁ ତମେ କାଢ଼ିନିଅ ନାହିଁ
ତାର ହସଖୁସି ପିଲାବେଳ
ତାର ଖୁସିଖୁସି ପିଲାଖେଳ ।।

ତା ଓଠରେ ତମେ
ହସ ଭରି ଦିଅ
ସେ କାଲିକୁ ହୋଇବ ବଡ଼
ଫୁଟି ମହକିବ ଫୁଲ କଢ
ଦେଶର ଜାତିର ଭଗିରଥ ସିଏ
ଆସୁ ଯେତେ ଝଞ୍ଜାଝଡ଼ ।।

**ଗୋଦାବରୀଶ ସାହିତ୍ୟ ସଂସଦ, ଭୁବନେଶ୍ୱର**



## ଦୁଃଖ ଦୂର ହେଉ

ନରହରି ମିଶ୍ର

ହେ ମୋ ପିତାମାତା ବନ୍ଧୁ ଗୁରୁଜନ
ଶ୍ରମିକ ସଜେଇ କରନାହିଁ ହିନିମାନ
ଦେବତାର ରୂପଧରି ଆସିଛି ମୁଁ ଅବତରି
ବଞ୍ଚିବାକୁ ଦିଅମତେ ବଞ୍ଚିବାକୁ ଦିଅ
ଶିଶୁ ଶ୍ରମିକ ପ୍ରଥାକୁ ଦେଶରୁ ହଟାଅ ।
ହେଇ ଦେଖ, ମୁଁ ହସିଲେ ଦୁନିଆ ହସିବ
ମୁଁ କାନ୍ଦିଲେ କାନ୍ଦିବ ଦୁନିଆ
ଜରିଅଖା ବଦଳରେ ଭିକ୍ଷାଥାଳ ବଦଳରେ
ମୋ ହାତରେ ବହିଖାତା, କଲମଟେ ଦିଅ
ତୁମ ଖୁସି ପାଇଁ ମୋତେ ଯାତନା ନଦିଅ ।
ଭାଷଣ ବାଜିରେ କେବେ ପୂରିବନି ପେଟ
ଲୁଟିଖିଆ ଓଗାଳନ୍ତି ଯୋଜନାର ବାଟ
ଶିଶୁକୁ ଅଭାବ ଅନ୍ନ, ଜଳ, ବାସଗୃହ
ଦିଅଦିଅ ବଞ୍ଚିବାର ଅଧିକାର ଦିଅ
ବଦଳାଇ ଦିଅ ତୁମ ଶାସନ ପଦ୍ଧତି
ଶିଶୁର ଦାୟିତ୍ୱ ନିଅ ହେ ସମାଜ ପତି ।
ବଡ଼ ହେଲେ ଗଢିବି ମୁଁ ନୂତନ ଦୁନିଆ
ହସିବ ଘର ସଂସାର ଦେଶ ମାଟି ମା
ପୁଅଝିଅ ଭେଦଭାବ କେବେ ଭାବନାହିଁ
ଶିଶୁଙ୍କୁ ମଣିଷକର ସ୍ନେହ, ଶ୍ରଦ୍ଧା ଦେଇ ।
ଶିଶୁ ବୋଲି ହତାଦର କରନାହିଁ ଆଉ
ଆସୁ ନବ ଜାଗରଣ ଦୁଃଖ ଦୂରହେଉ ।
ଆମ ପାଇଁ ଦୋଷୀ ଯିଏ ସିଏ ଦଣ୍ଡ ପାଉ
ସମାଜରୁ ଭ୍ରଷ୍ଟାଚାର ଶୀଘ୍ର ହଟିଯାଉ ।

ଶ୍ରମ ବିଭାଗ, ସଚିବାଳୟ, ଭୁବନେଶ୍ୱର

## ଶିଶୁ ଶ୍ରମିକ

ଅଖିଳ କୁମାର ମିଶ୍ର

ସେଇ ଆଶା, ସେଇ ସ୍ୱପ୍ନ,
ହାତରେ ମୋ ପଥର ବୋଝ-
କେବେ କେବେ ଫାଙ୍କା ଚାହାଣୀ ନେଇ
ମୁଁ ଦେଖେ ବିଦ୍ୟାଳୟ କାନ୍ଥ,
ଶିକ୍ଷକ, ଛାତ୍ରଛାତ୍ରୀ, ସ୍କୁଲ ବ୍ୟାଗ୍ ଓ
ଅନ୍ୟମନସ୍କ ହୋଇଯାଏ ।

କେହି ଜଣେ ମୋ ହାତଧରି
ଟାଣିନିଏ ଆଗକୁ, କଳାପଟା ସାମ୍ନାରେ
ମତେ ବସାଏ ଓ ଅକ୍ଷର ସବୁ
ଚିହ୍ନା ପରିଚୟ କରାଏ ।

ମୋ ପେଟରେ ଏତେ ଭୋକ,
ମୋ ହାତରେ କେତେ ଚାବୁକ,
ମୋ ମନରେ କିନ୍ତୁ ସେଇ ସ୍ୱପ୍ନ
ଆଗକୁ ବଢ଼ିବାର ଜୀବନ ।

ନିର୍ଦ୍ଦେଶକ, ଦୂରଦର୍ଶନ ସମ୍ବାଦ, ଭୁବନେଶ୍ୱର
ମୋବାଇଲ୍ ନଂ ୦୬୭୪-୨୩୦୧୦୪୮
E-mail - akhilkmishra@gmail.com



ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିଯିବ; କିନ୍ତୁ ସେଠାରେ ସେ ବହୁକାଳ ପର୍ଯ୍ୟନ୍ତ ନ ରହିପାରେ । ବର୍ଣ୍ଣାଡସ୍

# ଅମୃତ ସନ୍ତାନ

ଦୀଲୀପ କୁମାର ଚୌଧୁରୀ

ବାହାରେ ପଡ଼ିଛି କଅଁଳ ଖରା
ଖେଳନ୍ତି କେତେ ପିଲା,
ଆଜି ରବିବାର ଛୁଟି ସଭିଙ୍କର
କରନ୍ତି ହାଲ୍ଲା ଗୁଲ୍ଲା ।
କବାଡ଼ି, ପୁଚି, କ୍ରିକେଟ ବଲ୍
ଚୋର ପୋଲିସ୍ ଖେଳ,
ହସ ଖୁସିରେ ଖେଳନ୍ତି ପିଲାଏ
ରାଜୁ ପାଖେ ନାହିଁ ବେଳ
ବାପାର ହୋଟେଲ ଘର ଦାଣ୍ଡରେ
କାମ କରିଥାଏ ନିତି,
ଦୋକାନ ଜିନିଷ ଆଣଇ ବୋହି
ନମାନି ଖରା ତାତି ।
ରାଜୁର ବୟସ ଦଶ ବରସ
ପଢିନାହିଁ କଛି ପାଠ,
ପ୍ଲେଟ ଧୁଏ ପୁଣି ପାଣି ଆଣେ ସିଏ
ଦେହ ତାର କଳା କାଠ ।
ପଢିବାକୁ ଇଛା ଖେଳିବାକୁ ମନ
ବାପାମାଆ କରନ୍ତି ମନା,
ପାଠ ପଢିଲେ ଖେଳିଲେ ଖେଳ
କାମକୁ କରିବ ମନା ।
ସେହି ବାଟ ଦେଇ ଯାଉଥିଲେ ଜଣେ
ସମାଜସେବୀ ଭାଇ,
ଦେଖିଲେ ରାଜୁର ଏ କି ଅବସ୍ଥା
କାମ କରୁଛି କେତେ କାହିଁ ।

ତା ପରି ପିଲାଏ ଖେଳନ୍ତି ସେଠାରେ
ରାଜୁ କରଇ କାମ,
ଆଖିରେ ଲୁହ ଆସିଲା ତାଙ୍କର
ପଚାରିଲେ ତାର ନାମ ।
ବୁଝାଇ କହିଲେ ରାଜୁର ବାପାଙ୍କୁ
ରାଜୁ ଶିଶୁ ଶ୍ରମିକ ନୁହେଁ,
ନିଜର କାମ କି ବାହାର କାମ
କରାଇଲେ ଦୋଷୀ ସିଏ ହୁଏ ।
କାମରେ ତାକୁ ଖଟାଇଲେ ତୁମେ
ଜେଲ ଯିବ ମଧ,
ଶୋହଳ ବର୍ଷ ଯାଏଁ ସବୁ ପିଲା
ପାଠ ପଢିବାକୁ ବାଧ ।
ଅମୃତ ସନ୍ତାନ ଆମ ପିଲାମାନେ
ପଢିବେ ବଢିବେ ସବୁ,
ବୁଝିଲେ, କହିଲେ ରାଜୁ ବାପାମାଆ
ରାଜୁ ପଢି, ହେଉ ବାବୁ ।

ଭି.ଆଇ.ପି. କଲୋନୀ, ବ୍ରହ୍ମପୁର-୭୬୦୦୦୪,
ମୋବାଇଲ ନଂ ୯୪୩୭୬୬୦୫୦୦



# ଜରି ଗୋଟାଳି ଝିଅ

ପ୍ରଭାକର ମହାପାତ୍ର

ପେଟରେ ଭୋକର ଦାଉ
ପାଠପଢ଼ା ଚୁଲିକି ଯାଉ
ବା'ର ନିଶା ପାଣି, ମା' ରୋଗିଣୀ
କାମକୁ ପାରୁନି
ତା ଉପରେ ସବାର ହୋଇଛି ସଂସାର ।

କାହାଘରେ ବାସନ ମାଜିଲେ
ମାଲିକର ଖରାପ ନଜର
ପାଞ୍ଚ ସାତ ବର୍ଷର ଝିଅ ବି ବଳାତ୍କାରର ଶିକାର
ମା'କୁ ଛାଡ଼ି ଦାଦନ ଯିବନି
ଝିଅ ଚାଲାଣକୁ ଡର
ଏବେ ଜରି ଗୋଟାଇବା ସାର ।

ଆଜି ଯେତିକି ଜରି ଗୋଟାଇଛି
ସେ ଦେବ ସାତ ଦିନର ଆହାର
ବାକି ଛ'ଦିନ ପାଇଁ ସ୍ୱପ୍ନରେ
ଜୁଡୁବୁଡୁ ଜରି ଗୋଟାଳି ଝିଅ ।

ବଳକା ପଇସାରେ ସେ କିଣିବ
ଫ୍ରକ୍ ଟାଏ, ମୁଣ୍ଡରେ ବାନ୍ଧିବାକୁ ଦୁଇଟା ରିବନ୍
ଫଟା ଫ୍ରକ ଫାଙ୍କକୁ କୁକୁର ମାନଙ୍କର ଆଖି
ଇଚ୍ଛାହୁଏ କୁକୁର ପିଟଣାରେ ଦିଅନ୍ତା ଦୁଇ ପାହାର ।

ନୂଆ ଫ୍ରକ୍ ପିନ୍ଧି ରିବନ୍ ବାନ୍ଧି ସେ ଯିବ
ଆଗ ଝରଣା କୂଳକୁ ସେ ଦେଖିବ
ତା ନିଜକୁ, ତା'ର ଭବିଷ୍ୟତ ସ୍ୱପ୍ନର ମଣିଷକୁ
ସେବେ ଜରି ଗୋଟାଇବା ବନ୍ଦ
ସେ ପରା କୁଳର ବୋହୂ ହେବ ।

ଏମିତି ସ୍ୱପ୍ନ ଜମାଟ ବାନ୍ଧେ ତା ଆଖିରେ
ହସିଥାଏ ଆଉ ସ୍ୱପ୍ନରେ ବାଉଳା ହୋଇ
କାହା ଅପେକ୍ଷାରେ ଥାଏ
ଜୀବନ ବଞ୍ଚୁଥାଏ ସ୍ୱପ୍ନର ସାହାରାରେ ।

ଆଗ ମନେ ମନେ ଗଢ଼ିନିଏ ଝୁମ୍ପୁଡ଼ି ଘରଟେ
ସ୍ୱପ୍ନ କଣ ମହଙ୍ଗା ! କୋଠାଘର ଭାବିବା ମନା ! !
ନା-ନା ସେ ଜାଣିଛି କୋଠାଘରେ ଚାଲେ
କେତେ କଳା କାରନାମା,
ଯାହା ତା ମନରେ ବିଷ ଭରାଏ
ଆଉ ସେ ଭୟରେ ଶିହରି ଉଠେ
ସେଠି ଜଗିଥାନ୍ତି ବିଦେଶୀ କୁକୁର
ତା ବାଉଁଶ ବାଡ଼ି ସେଠି କାମ ଦେବନି
କାମୁଡ଼ା ଖାଇବା ସାର, କୁକୁର କାମୁଡ଼ା ଠାରୁ
ମଣିଷ କାମୁଡ଼ା ବେଶି ବିଷାକ୍ତ ।

୩୭୧, ଶାସ୍ତ୍ରୀନଗର, ୟୁନିଟ-୪ ଭୁବନେଶ୍ୱର-୧
ମୋବାଇଲ୍ ନଂ ୯୯୩୭୨୪୮୦୬୬





ଚିତାବାଘ ତା ଦେହରେ ଥିବା ଦାଗଗୁଡ଼ିକ ବଦଳାଇ ପାରିବ ନାହିଁ । ହିଟ୍‌ଲର

# ଶିଶୁ ହସିଲେ ଆମେ ହସିବା

**ଦିଲ୍ଲୀପ କୁମାର ବେହୁରା**

ଶିଶୁଟିଏ ହେଉ    ପୁଅ ଅବା ଝିଅ
ଭବିଷ୍ୟତ ଦେଶ ଜାତି
କାଲି ବଡ଼ହୋଇ    କାମ କରି ମିଶି
ଆଣିବେ ଦେଶର ଖ୍ୟାତି

ପରିସ୍ଥିତି ଦାସ    ସଭିଏଁ ଏଠାରେ
ଦେଖିବାକୁ ଯାହା ମିଳେ
ଖାଇବାକୁ ଶିଶୁ    ବାରପିଣ୍ଡା ହୋଇ
ଖଟେ ସମୟର କୋଳେ

କଳକାରଖାନା    ହୋଟେଲ ବଜାର
ଆହୁରି କେତେକ କ୍ଷେତ୍ରେ
ଦେଖିବ ସେଠାରେ    ଶିଶୁ ଶ୍ରମିକଟି
ଝାଳନାଳ ହୋଇ ଖଟେ

ବାପା ମାଆ ଭାଇ    ହରାଇବି କେହି
କରୁଥାଏ ଏହି କାମ
ଗରିବ ଗୁରୁବା    କେହି ହୋଇପୁଣି
ଯୋଡ଼ାଏ ଏଥିରେ ନାମ

ପରିବାର ପାଇଁ    ଏଠି ପୁଣି କେହି
ବଡ଼ଙ୍କୁ ସାହାଯ୍ୟ କରେ
ଶିଶୁ ଶ୍ରମିକର    ରୂପରଙ୍ଗ ଯାହା
ନାନା ପରକାରେ ଭରେ

ବିଲ ବାଡ଼ି ଠାରୁ    ଘରକାମ ଦେଇ
ଦୋକାନ ବଜାର ଯାଏ
କେଠା ବାଡ଼ି କାମ    କଳକାରଖାନା
ଜରି ଗୋଟାଇବା ରୁହେ

କିଏ କେହି କେବେ    ଭାବିଛକି ମନେ
କାହିଁକି ଏଭଳି ହୁଏ
ଶିଶୁ କଳିକାଟି    କେଉଁ ଦୋଷ ପାଇଁ
ଏହି ଭଳି ଦଣ୍ଡ ପାଏ

ବୟସର ସୀମା    ସରକାର ରଖେ
ଦଣ୍ଡ ଜୋରିମାନା କରେ
ତଥାପି କାହିଁକି    ବାଳ ଶ୍ରମିକଟି
କଡ଼େଇ ଫାଉଡ଼ା ଧରେ

ଯେଉଁଠି ଧରମା    ଶିଶୁଟିଏ ହୋଇ
କୋଣାର୍କ ମାରି ଚୂଳି
ବାଜି ରାଉତ ତ    ଫିରିଙ୍ଗି ଗୁଳିରେ
ପାଣିରେ ପଡ଼ିଲା ଟଳି

ଥରେ ଭାବି ଦେଖ    ଶିଶୁଙ୍କ ପାଇଁ
ପ୍ରଥମ ପ୍ରଧାନ ମନ୍ତ୍ରୀ
ନେହେରୁ ରଖିଲେ    ଶିଶୁ ଦିବସଟି
ଜନମ ଦିନର ଭେଟି

ସେହି ଦେଶେ ଯେବେ    ଶିଶୁମାନେ ଏଠି
ଶ୍ରମିକର ବେଶ ଧରି
କାମ କରୁଥିଲେ    କେବେବି ଦେଶର
ବଢିପାରେ କିବା ଶିରୀ ?

ଖାଦ୍ୟ ଶିକ୍ଷା ସ୍ୱାସ୍ଥ୍ୟ    ଯେବେ ଶିଶୁ ପାଇଁ
ସରକାର ନେବେ ଧରି
ତାଙ୍କ ମୌଳିକତା    ମିଳିମିଶି ସବୁ
ପୁରଣ ପାରିଲେ କରି

ତେବେ ଆମେ ସବୁ    ଶିଶୁଙ୍କ ମୁହଁରେ
ଫୁଟାଇ ପାରିବା ହସ
ସେମାନେ ହସିଲେ    ଆମେବି ହସିବା
ହସିବ ସୁନାର ଦେଶ ।

**ଘର ନଂ. - ୯/୧ 'ଏଫ' ଟାଇପ,**
**ୟୁନିଟ୍-୯ ଫ୍ଲାଟ, ଭୁବନେଶ୍ୱର**
**ମୋବାଇଲ ନଂ. ୮୮୯୫୩୦୧୫୫୫**

ପ୍ରତ୍ୟେକ ବିଷୟ ସହଜ ହେବା ପୂର୍ବରୁ କଷ୍ଟକର ଥାଏ। - ନିଉଟନ୍


# ଛୋଟୁ

ଦେବବ୍ରତ ମହାପାତ୍ର

ଦୁନିଆ ବୁକୁରେ ବଞ୍ଚିଥାଉ ଆମେ
ନିତି ଲୁହ ପିଇପିଇ ।
ସ୍ୱାଧିନତା ସିନା ସପନ ଆମର
ଶିଶୁ ଶ୍ରମିକଟେ ମୁହିଁ ॥
ପାଠପଢା ଖେଳ ସପନ ଦେଖିବା
ନାହିଁ ଆମ ଭାଗ୍ୟେ ସିନା ।
ପରର ଅଇଂଠା ବାସନ ମାଜିଲେ
ଦି ଓଳା ଦି ମୁଠା ଦାନା ॥
ଅଲୋଡା ଜୀବନ ଖଟୁ ରାତି ଦିନ
ପେଟ ଚାଖଣ୍ଡକ ପାଇଁ ।
ପରିଶ୍ରମ ଶେଷେ କେହି ମାଡ ମାରେ
ଖାଇବାକୁ ଦିଏନାହିଁ ॥
ବୟସର ସୀମା ହାରିଯାଏ ସିନା
ଆମ ପରିଶ୍ରମ ପାଖେ ।
ହେଲେ ହାରନ୍ତିନି ବାବୁମାନେ ଏଠି
ଯାତନା ଦିଅନ୍ତି କେତେ ॥

କେତେ ଅଫିସର କେତେ ଯେ ହାକିମ
ଦେଖନ୍ତି ଆମରି ଦୁଃଖ ।
ଆଖି ଥାଇ ଅନ୍ଧ ନାହିଁ ଭଲ ମନ୍ଦ
ସଭିଏଁ ଚାହାନ୍ତି ସୁଖ ॥
ଶିଶୁ ଶ୍ରମିକର ଶ୍ରମ ନିବାରଣେ
ସରକାରୀ ଆଇନ ଖଞ୍ଜା ।
ତଥାପି ଛୋଟୁର ଚା ଟିକେ ପିଇ
ବାବୁ ମାରୁଥାନ୍ତି ମଜା ॥
ତଥାପି ବଞ୍ଚିଚୁ ହାରି ନାହୁଁ ଆମେ
ଏଇ ଜୀବନର ଯୁଦ୍ଧେ ।
ଦୁଃଖ ନାହିଁ ଆମ ବୋହୁ ଅଛୁ ଆମେ
ନିଜ ଜୀବନକୁ କାନ୍ଧେ ॥

ଖାରବେଳ ନଗର, ଭୁବନେଶ୍ୱର
ମୋବାଇଲ୍ ନଂ. ୮୯୮୪୪୫୩୭୭୩



ଦୋଷ ଖୋଜ ନାହିଁ; ପ୍ରତିକାର କର। ହେନେରି ଫୋର୍ଡ

# A NEED TO CHECK SEXUAL ABUSE OF CHILD LABOUR

SUSANTA DASH

**It is said that child is purest form of God.** His/her innocence brings him/her closer to the almighty. But it is very much unfortunate that his/her innocence subjected them to sexual abuse at a tender age. Persons having evil intention take advantage of the innocence and submissiveness of the child and the same is widespread at the work place where they are exposed to such risks very frequently. The cases of sexual abuse of girl child are more in comparison to the boy child.

Children often take up work because of compulsion by their parents and work mostly to supplement family financial needs or to meet their own basic needs. In some cases parents send their children, who are school drop outs to seek employment in order to prevent their remaining idle at home or felling into bad company and becoming vagrants. In some cases, the parents of child labour have to carry their children to work place as there was no person in the family to look after and take care of them.

Children in India are often highly dependent on their parents and elders; they continue to have submissive and obedient roles towards their elders for which many cases of child sexual abuse crimes go unreported. Child abuse has many forms: physical, emotional, sexual, neglect, and exploitation. Any of these that are potentially or actually harmful to a child's health, survival, dignity and development are abuse. Sexual abuse is engaging a child in any sexual activity that he/she does not understand or cannot give consent for or is not physically, mentally or emotionally prepared for. Abuse can be conducted by an adult or another child who is developmentally superior to the victim. This includes using a child for pornography, sexual materials, prostitution and unlawful sexual practices. Child sexual abuse includes touching and non-touching activity.

### Some examples of touching activity include:

- touching a child's genitals or private parts for sexual pleasure
- making a child touch someone else's genitals, play sexual games or have sex putting objects or body parts (like fingers, tongue or penis) inside the vagina, in the mouth or in the anus of a child for sexual pleasure

### Some examples of non-touching activity include:

- showing pornography to a child
- deliberately exposing an adult's genitals to a child
- encouraging a child to watch or hear sexual acts

Warning signs in children and adolescents of possible child sexual abuse

Children often show us rather than tell us that something is upsetting them. There may be many reasons for changes in their behaviour, but if we notice a combination of worrying signs it may be time to call for help or advice.

### What need to be noticed for in children when sexually abused:

- Acting out in an inappropriate sexual way with toys or objects,
- Nightmares, sleeping problems,
- Becoming unusually secretive,
- Sudden unexplained personality changes and seeming insecure,
- Unaccountable fear of particular places or people,
- Outburst of anger,
- Unexplained money or gifts,
- Self-harm (cutting, burning or other harmful activities),
- Physical signs, such as, unexplained soreness or bruises around genitals or mouth, sexually transmitted diseases, pregnancy,
- Not wanting to be alone with a particular person,

Any one sign doesn't mean that a child was or is being sexually abused, but the presence of several suggests that you should begin to ask questions and consider to know such changes in behaviour, temperament and attitude.

Child labourers in India who struggle day in and day out this social problem has been a matter of great concern for leaders, planners, social workers and trade unions. Although the Protection of Children from Sexual Offences Act (POCSO Act) 2012 was formulated in order to effectively address sexual abuse and sexual exploitation of children and provides for punishment to the offenders and the abettors who commits sexual assault, harassment and such other related act on children. The Act defines a child as any person below eighteen years of age. It defines different forms of sexual abuse, including penetrative and non-penetrative assault, as well as sexual harassment and pornography. It deems a sexual assault to be "aggravated" under certain circumstances, such as when the abused child is mentally ill or when the abuse is committed by a person in a position of trust or authority like a family member, police officer, teacher, or doctor. The Act also casts the police in the role of child protectors during the investigative process. Thus, the police personnel receiving a report of sexual abuse of a child are given the responsibility of making urgent arrangements for the care and protection of the child, such as obtaining emergency medical treatment for the child and placing the child in a shelter home, and bringing the matter in front of the CWC, should the need arise.

The Act further makes provisions for avoiding the re-victimisation of the child at the hands of the judicial system. It provides for special courts that conduct the trial in-camera and without revealing the identity of the child, in a manner that is as child-friendly as possible. Hence, the child may have a parent or other trusted person present at the time of testifying and can call

for assistance from an interpreter, special educator, or other professional while giving evidence. Above all, the Act stipulates that a case of child sexual abuse must be disposed of within one year from the date the offence is reported.

The Act also provides for mandatory reporting of sexual offences. This casts a legal duty upon a person who has knowledge that a child has been sexually abused to report the offence; if he fails to do so, he may be punished with six months' imprisonment and/ or a fine.

But still, there is a need to check the sexual abuses at work place and problems such as special vulnerability of children in work place and their lack of protection should be matter of great concern for policy and law makers and specific programmes and awareness campaign required to be conducted to aware the parents of child labourers as well as in public in general. In conclusion child welfare should be one of the prime concerns as children constitute a major section of the population. Child protection laws have to be reformulated and recommended for implementation. A child protected is always at advantage to nation at large. The government must safeguard with its supporting base the legal rights and interest of child labourers so that they can have happy and peaceful life ahead as they are the future of the nation.

**Advocate, Bhubaneswar**
**Mobile No. 9437089520**

## ଶିଶୁ ସମ୍ପଦ ପାଇଁ ଲେଖା ଆବଶ୍ୟକ ...

ରାଜ୍ୟ ଶ୍ରମ ସଂସ୍ଥାନ, ଭୁବନେଶ୍ୱର ଆନୁକୂଲ୍ୟରେ ପ୍ରକାଶିତ ହେଉଥିବା ବାର୍ଷିକ ପତ୍ରିକା ଶିଶୁ ସମ୍ପଦ ପାଇଁ ଲେଖକ/ଲେଖିକାମାନଙ୍କ ଠାରୁ ନିଜସ୍ୱ ଲେଖା ଆବଶ୍ୟକ କରୁଛି। ଶିଶୁ ଶ୍ରମିକ ସମ୍ପର୍କିତ ଲେଖା, କ୍ଷୁଦ୍ର ଗଳ୍ପ, ବାସ୍ତବ ଘଟଣାବଳୀ, ଶିଶୁ ଶ୍ରମିକ ଆଇନ ସମ୍ପର୍କିତ ଲେଖା ଏଥିରେ ପ୍ରକାଶିତ ହେବ। ଯାହା ପୂର୍ବରୁ ଅପ୍ରକାଶିତ ହୋଇଥିବା ଆବଶ୍ୟକ। ହାତଲେଖା କିମ୍ବା ଡିଟିପି ହୋଇଥିବା ଲେଖା ସହିତ ଲେଖକ/ଲେଖିକାଙ୍କର ସମ୍ପୂର୍ଣ୍ଣ ଠିକଣା ଓ ମୋବାଇଲ୍ ନମ୍ବର ଥାଇ ନିମ୍ନ ଠିକଣାରେ ପହଞ୍ଚିବା ଆବଶ୍ୟକ। ଚୟନ ହୋଇଥିବା ଲେଖାଗୁଡ଼ିକ ପ୍ରକାଶ ପାଇବା ପରେ ଲେଖା ବାବଦକୁ ଲେଖକ/ଲେଖିକାଙ୍କୁ ଟ ୩୫୦ ଙ୍କା (ତିନିଶହ ପଚାଶ ଟଙ୍କା) ପାରିତୋଷିକ ଦେୟ ଚେକ୍ ଆକାରରେ ପ୍ରଦାନ କରାଯିବ।

### ସର୍ତ୍ତାବଳୀ

- ଅମନୋନୀତ ଲେଖା କୌଣସି ପରିସ୍ଥିତିରେ ଫେରସ୍ତ ହେବ ନାହିଁ।
- ଏଥିରେ ରାଜ୍ୟ ଶ୍ରମ ସଂସ୍ଥାନ ଚୟନ କମିଟିର ବିଚାର ଓ ନିଷ୍ପତ୍ତି ହିଁ ଚୂଡ଼ାନ୍ତ।

**ରାଜ୍ୟ ଶ୍ରମ ସଂସ୍ଥାନ, ଭୁବନେଶ୍ୱର**

ଜନପଥ, ଖାରବେଳ ନଗର, ୟୁନିଟ୍-୩, ଗୁରୁଦ୍ୱାର ପାର୍ଶ୍ୱ, ଭୁବନେଶ୍ୱର-୭୫୧୦୦୧

**Email - slibbsr@yahoo.co.in, sliorissa@gmail.com, Phone No. 0674-2395275**

# DELIHI HIGH COURT JUDGMENT AT A GLANCE

**Delhi High Court**
**Jayakumar Nat & Anr vs State Of Nct Of Delhi & Anr**

W.P.(CRL) 1548/2015
SEEMA ROY ..... Petitioner
Through: Mr. Sushil Kumar Jain, Advocate.
versus
STATE (GOVT OF NCT DELHI) & ANR ....... Respondent
Through: Mr. Rahul Mehra, Standing Counsel (Crl.) with Mr. Jamal Akhtar & Mr.Amrit Singh, Advocates.
JAYAKUMAR NAT & ANR ..... Petitioners
versus
STATE OF NCT OF DELHI & ANR ..... Respondents
CORAM:

**HON'BLE MR. JUSTICE KAILASH GAMBHIR**
**HON'BLE MR. JUSTICE P.S. TEJI**

**JUDGMENT AT A GLANCE**
**KAILASH GAMBHIR, J.**

The case in hand is a shocking revelation of how poor is the functioning of the Child Welfare Committees constituted under Section 29 of the Juvenile Justice (Care and Protection of Children) Act, 2000, the Labour Department and the Delhi Police are. This petition was preferred by one Seema Roy under Article 226 of the Constitution of India read with Section 482 of the Code of Criminal Procedure to seek order or direction in the nature of Habeas Corpus to direct the respondents to produce her minor son Suraj aged about 12 years before this Court and to hand over his custody to the petitioner. This child Suraj was in the custody and care of respondent No.3 Butterflies, which is an NGO duly recognised under Juvenile Justice (Care andProtection of Children) Act, 2000. As per this NGO, they received an information on the child helpline about Suraj working at the welding shop being run by one Mr. Kuldeep Singh. The sequence of events that followed after it was brought to their notice that the child labourer, Suraj, being a victim of child labour, as delineated by the NGO in their affidavit:-

The said child was produced before the Court by the NGO Butterflies on 29th July, 2015. The Court had an interaction with the child and he truthfully disclosed before us that

he was drawing a salary of Rs. 400 per month from his employer Mr. Kuldeep Singh. He further disclosed that he was working as a helper and used to leave his home at 10 a.m. and return back by 9.00 p.m. When enquired from the police as to whether they have taken any action against the said employer in terms of provisions of the Juvenile Justice (Care and Protection of Children) Act, 2000 and the Child Labour (Prohibition and Regulation), Act, 1986.

The police failed to take any action against Mr. Kuldeep Singh. The petitioner present in Court informed the Court that she had been running from pillar to post to meet her child but she was not allowed to meet her child. The mother also tried to explain that it was not a case of child labour rather the child had gone to play along with his friends at the open space in front of the workshop of Mr. Kuldeep Singh. This child was produced by the NGO before CWC Kalkaji on 15th July, 2015 and his statement was recorded by CWC Kalkaji. The child had admitted the fact that he was working at Vishwakarma Tempo Repairing Centre, Govindpuri Transit Camp for the last 3 months for about ten hours a day and draw a monthly salary of Rs.400. The CWC Kalkaji handed over the custody of the said child to the NGO as a temporary shelter. On 24 th July, 2015, child Suraj was produced before CWC, Lajpat Nagar and CWC directed the concerned IO to take necessary action as per law and for recording the statement of the child before the concerned SDM. The CWC, Lajpat Nagar also directed the police to collect the age proof of the child from the school and produce the same on 7th August, 2015. On 31st July, 2015, the statement of the child Suraj was recorded by the SDM. Since no steps were taken by the police to register the FIR against the said employer, therefore, a direction was given to the concerned Joint Commissioner of Police to file his affidavit after holding a detailed inquiry as to why the local police failed to timely register the FIR and the reasons for not arresting the said employer. The Court also directed notice to the Labour Department as the Labour Department plays a pivotal role in the scheme of things for carrying out the rescue operation of such child victims. The Court also directed both the Child Welfare Committees to produce their respective records for perusal. Pursuant to these directions on 3rd August, 2015 a case FIR No. 1024/2015 was registered against Kuldeep Singh, owner of the Welding shop underSection 3/14, Child Labour (Prohibition and Regulation Act), 1986 read with Section 23/26 of the Juvenile Justice (Care and Protection of Children) Act, 2000.

It was too shocking to find that when for the first time the case of rescued child Suraj came up before CWC Kalkaji, it adjourned the same for a few days for placing the matter before CWC Lajpat Nagar due to lack of its jurisdiction. Again to our surprise, no efforts were made either by the CWC Kalkaji and CWC Lajpat Nagar to restore the custody of the child to the mother who had been running from pillar to post to meet her child and to know about his well being. Is this the way these stakeholders are functioning in the discharge of their assigned duties under various statutes in terms of the directions given by the Apex Court in

the case of 'Bachpan Bachao Andolan vs. Union of India & Ors. 2015(2) Scale 227 and Court on its own motion (supra). In fact all these officers who failed to carry out the directives given by the Division Bench of this Court in the case of Court on its own motion (supra) have committed contempt of Court orders.

After having gone through the action plan for abolition of child labourers in Delhi issued by National Commissioner for Child Rights which, in fact, forms part of the said judgment in the case of Court on its Motion (supra), we find that almost every conceivable aspect has been taken care of in the action plan. Likewise the Department of Women and Child Development, Govt. of NCT of Delhi has also issued comprehensive and generic guidelines which they have referred to as the Standard Operating Procedure (SOP) for Child Welfare Committees with respect to found children housed run in Government and NGO run child care institutions. In the presence of all this, we ask ourselves, do we really need to give any further direction to all these stakeholders and if so, then what will be the fate of fresh directions, when these stakeholders are adhering to these guidelines more in breach than in compliance. The Child Welfare Committee which is a competent authority under the Juvenile Justice (Care and Protection of Children) Act, 2000 is vested with the power to take any decision with regard to child including the decision to release the child as per the provisions of the Act. Under Section 31 of the Act, the Child Welfare Committee has the final authority to dispose of the cases for the care, protection, treatment, development and rehabilitation of the children as well as to provide their basic needs and protection of human rights. Section 32 (1) of the Juvenile Justice (Care and Protection of Children), Act, 2000 provides that the rescued child shall be produced before the Committee without any loss of time but within a period of 24 hours including the time necessary for the journey. Section 39 of the Juvenile Justice (Care and Protection of Children), Act, 2000 deals with the aspect of restoration of the child and explanation to this section delineates and sets the precedents as to whom the child should be restored and in the said category, first are the parents of such a child. Relevant sections of the Juvenile Justice (Care and Protection of Children), Act, 2000 are reproduced hereunder:-

**"31. Powers of Committee.-**

(1) The Committee shall have the final authority to dispose of cases for the care, protection, treatment, development and rehabilitation of the children as well as to provide for their basic needs and protection of human right .

(2) Where a Committee has been constituted for any area, such Committee shall, notwithstanding anything contained in any other law for the time being in force but save as otherwise expressly provided in this Act, have the power to deal exclusively with all proceedings under this Act relating to children in need of care and protection.

## 32. Production before Committee.

(1) Any child in need of care and protection may be produced before the Committee by one of the following persons-

(i) any police officer or special juvenile police unit or a designated police officer;

(ii) any public servant;

(iii) childline, a registered voluntary organisation or by such other voluntary organisation or an agency as may be recognised by the State Government;

(iv) any social worker or a public spirited citizen authorised by theState Government; or

(v) by the child himself.

[Provided that the child shall be produced before the Committee without any loss of time but within a period of twenty-four hours excluding the time necessary for the journey.] (2) The State Government may make rules consistent with this Act to provide for the manner of making the report to the Committee and the manner of sending and entrusting the child to children's home pending the inquiry.

## 39. Restoration.

(1) Restoration of and protection to a child shall be the prime objective of any children's home or the shelter home.

(2) The children's home or a shelter home, as the case may be, shall take such steps as are considered necessary for the restoration of and protection to a child deprived of his family environment temporarily or permanently where such child is under the are and protection of a children's home or a shelter home, as the case may be.

(3) The Committee shall have the powers to restore any child in need of care and protection to his parent, guardian, fit person or fit institution, as the case may be, and give them suitable directions.

[Explanation.-For the purposes of this section "restoration of child" means restoration to - (a) parents; (b) adopted parents; (c) foster parents; (d) guardian; (e) fit person; (f) fit institution.]

We may also reproduce rule 27 of the Juvenile Justice (Care and Protection of Children), Act, 2000.

"Rule 27. Production of a Child before the Committee.?

(1) A child in need of care and protection shall be produced before the Committee within twenty-four hours, excluding journey time, by one of the following persons-

(a) any police officer or Special Juvenile Police Unit or a designated police officer;

(b) any public servant;

(c) childline, a registered voluntary organization or by such other voluntary organization or an agency as may be recognized by the State Government;

(d) social worker;

(e) any public spirited citizen; or

(f) by the child himself.

(2) In case of a child under two years of age, who is medically unfit, the person or the organization shall send a written report along with the photograph of the child to the Committee within twenty-four hours and produce the child before the Committee as soon as the child is medically fit along with a medical certificate to that effect.

(3) The Committee can suo motu take cognizance of cases brought to their notice and reach out to a child in need of care and protection where necessary and the District or the State Child Protection Unit or the State Government shall provide necessary support and assistance to the Committee for carrying out such functions.

Thus, it is the prime objective of any children home or the shelter home to take immediate steps as are considered necessary for the restoration of the child to his parent, guardian or the other designated persons as the case may be after giving suitable directions. The SOP issued by Women and Child Development also provides the detailed guidelines as to how such kind of children are to be rescued and restored and what are the defined duties of the various stakeholders involved in the process. It also lays emphasis on first finding out the family members of the child and to undertake all efforts to trace out the family members of the persons from whose custody the child was prior to his rescue. It further exemplifies the procedure as to how the child is to be dealt with after he is produced before the Committee.

In the light of what could be noticed by us in these two cases one thing is amply clear that neither of these authorities/stakeholders are discharging their duties and functions as are assigned to them strictly in terms of the action plan forming part of Division Bench judgment of this Court in Court on its own motion (supra) and nor are they following the SOP issued by the Women and Child Development. In fact they are being violated more in breach than in compliance. We do not want to give any further directions as in our view almost every aspect has been taken care of in the 'Action Plan' and the said SOP. But then the question

arises, if everything is in place, then what problem is coming in the implementation of the same. Ms. Aparna Bhat, Advocate appears to be right that no accountability has been fixed for any lapse or inaction committed by any of the officer of the stakeholders for not carrying out his duties in accordance with the laid down guidelines and directives. It was also a matter of shock when we came to know that Chairperson of CWC, Lajpat Nagar was totally ignorant of the said action plan and of the SOP issued by Women and Child Development. While the other Chairperson, CWC Kalkaji equally failed to carry on her duties in terms of the said directives. Even the proper files are not being maintained by these bodies what to talk of anything else.

In the words of Kailash Satyarthi, a Nobel peace prize winner and crusader of child rights: "it is a shame that India has the highest number of child labourers in the world." He further stated that rehabilitation of children must be an integral part of the law itself and children who are free from labour should be entitled to rehabilitation programmes by the Government. He further suggested that the best rehabilitation is re- integration with the family that includes some economic incentive to the parent so that they can earn their livelihood and education can be provided to the children in their hometown. To our consternation and dismay if the capital of the country, which is endowed with better infrastructure and other backups fails to take effective steps in its drive to rescue the children and doesn't succeed in properly rehabilitating them interms of the directives given by the Hon'ble Apex Court and the guidelines issued by the SOP then we fail to fathom what would be the providence or fate of other states/ districts of the country where good infrastructural facilities and manpower are scant and not adequate. The Additional Labour Commissioner of Labour Department has expressed his anxiety apropos the dearth of staff in the Labour Department but this again is to be addressed by the Government and not by the Court.

**In the above circumstances, the following directions were given**

a) The Chief Secretary of Govt. of NCT of Delhi is directed to convene an urgent meeting of all the stakeholders to have a complete review of the functioning of all the bodies who are involved in the process and to ascertain the exact reasons as to why they have failed to carry out the said directives.

b) He is also directed to lay down the guidelines issuing necessary directives for fixing the responsibility of the officers so as to make them accountable if there arises any lapse or inaction without there being sufficient or cogent reasons for the same.

c) **We also direct him to have proper orientation programmes of all the Chairpersons of CWCs in various districts and of all the stakeholders so that they know their exact duties and functions and their roles as defined under various statutes and other directives.**

d) We further direct the Chief Secretary to incorporate all the previous directives and the fresh directives to be issued in the form of a booklet and every department and the officer concerned should mandatorily possess such a booklet, in a bid to prevent any such officer from pleading ignorance of his own duties.


e) We also impress upon the Govt. of NCT of Delhi to come out with a proper scheme to address the issue of rehabilitation of these rescued children by providing some kind of economic help so that the parents or guardians do not force them to work as child labourers again to meet with their basic needs and to supplement their income for their basic survival.


f) We further direct that a meeting in this regard should take place within a period of one month and subsequently, within a period of three months fresh directives shall be issued on the above lines by the Chief Secretary. The Chief Secretary may take into consideration some of the suggestions given by the Advocates, copy of which has already been handed over to Mr. Rahul Mehra, Standing Counsel appearing for the State, so as to ensure that there is no delay in the restoration of the rescued children to their parents/ guardians until and unless it is not in the best interest of the safety of the child which is a paramount concern.


## ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

- ଶିଶୁମାନଙ୍କୁ ଶ୍ରମରେ ନିୟୋଜିତ କଲେ, ଏହା ସେମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରେ।
- ୧୪ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଶ୍ରମିକ ଭାବରେ ନିୟୋଜନ ଆଇନତଃ ଏକ ଦଣ୍ଡନୀୟ ଅପରାଧ।
- ଶିଶୁ ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ-୧୯୮୬ର ଧାରା ୩ ଅନୁସାରେ ଶିଶୁମାନଙ୍କୁ ୧୮ଟି ବୃତ୍ତି ଏବଂ ୬୫ଟି ପ୍ରକ୍ରିୟାରେ ନିୟୋଜନ କରିବା ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି।
- ଏହି ନିୟମର ଧାରା ୧୪ ଅନୁସାରେ ଯେଉଁମାନେ ଶିଶୁମାନଙ୍କୁ ଶ୍ରମିକ ଭାବରେ ନିୟୋଜନ କରିବେ, ସେମାନେ ୩ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ସର୍ବନିମ୍ନ ୧୦ ହଜାର ଟଙ୍କାରୁ ସର୍ବାଧିକ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ।
- ଏହି ଅପରାଧକୁ ପୁନର୍ବାର ଘଟାଇଲେ ସର୍ବନିମ୍ନ ୬ ମାସରୁ ସର୍ବାଧିକ ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡରେ ଦଣ୍ଡିତ ହେବାର ବ୍ୟବସ୍ଥା ଅଛି।
- ଶିଶୁ ଅଧିକାରର ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଶିଶୁମାନଙ୍କୁ ଶ୍ରମରୁ ଦୂରେଇ ରଖି ଏକ ସୁସ୍ଥ ଏବଂ ସୁରକ୍ଷିତ ସମାଜ ଗଠନ କରିବାରେ ସହଯୋଗ କରନ୍ତୁ।

# PUBLICATIONS OF STATE LABOUR INSTITUTE, BHUBANESWAR





**SISHU SAMPAD**
ISSN No. 2349-1779
A Journal on issue relating to Child Labour
Published Yearly in 12th June every year.

**SHRAMA DARPAN**
ISSN No. 2349-1752
A Journal on Labour related issues.
Published Quarterly every year.

**PRABASI SHRAMIKA**
ISSN No. 2349-1760
A Journal on Migrant Workers
Published Half-yearly every year.






Writers can contribute articles of own for Publication in the above Publications of State Labour Institute. The articles will be examined by the Publication Committees of State Labour Institute and the selected articles will be published in the issue as per convenience and a token amount of Rs.350/- (three hundred fifty only) will be paid to the contribution of selected article by State Labour Institute after publication of the article.

***Conditions :***

1. The Article not selected shall not be returned in any case.
2. Decision of Publication Committee of SLI shall be final.

***Address for Submission of Articles :***


**STATE LABOUR INSTITUTE, BHUBANESWAR**
Janpath, Kharvel Nagar, Unit-III, Near Gurudwar, Bhubaneswar-751001
Email - slibbsr@yahoo.co.in, sliorissa@gmail.com, Ph. : 0674-2395275






**ଆସ ପଢ଼ିବା, ଦେଶ ଗଢ଼ିବା**
**ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବା ।**





